Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 38
Saturday, 11 April 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୧ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୧୧ଟି ପ୍ରସ୍ତାବରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୧୦/୪ (ଆ.ପ୍ର) :ଏଣିକି ଆପଣଙ୍କ ଗାଁର ପାନୀୟ ଜଳ ପ୍ରକଳ୍ପର ମାଲିକ ହେବେ ଆପଣ ନିଜେ । ବିଶୁଦ୍ଧ ପାନୀୟ ଜଳର ସୁପରିଚାଳନା ପାଇଁ ରାଜ୍ୟ ସରକାର ଆଣିଛନ୍ତି 'ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି-୨୦୨୬' । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଆଜି ମୋଟ୍ ୧୧ଟି ପ୍ରସ୍ତାବକୁ ମୋହର ମିଳିଛି । କାର୍ଯ୍ୟରେ ଅବହେଳା କରୁଥିବା ଠିକାଦାରଙ୍କ ବିରୋଧରେ ସରକାର ଧରିଛନ୍ତି କଠୋର ଆଭିମୁଖ୍ୟ । ଜଳ ପ୍ରକଳ୍ପରେ ବିଳମ୍ବ ଯୋଗୁଁ ୧୧୨୦ କୋଟି ଟଙ୍କାର ଜରିମାନା ସହ FIR ମଧ୍ୟ ରୁଜୁ କରାଯାଉଛି । ଏହା ସହ ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ୩୪୦୦ କୋଟି ଟଙ୍କାର 'ଅଟଳ ବସ୍ ଷ୍ଟାଣ୍ଡ' ଯୋଜନାକୁ ମଧ୍ୟ ମିଳିଛି କ୍ୟାବିନେଟ୍ ଅନୁମୋଦନ । ୧୧ଟି ପ୍ରସ୍ତାବକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ । ଯେଉଁଥିରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି ୨୦୨୬କୁ ମିଳିଛି ଅନୁମୋଦନ । ନୂଆ ନୀତିରେ କୁହାଯାଇଛି ଯେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬ଟି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ୮୨ଟି ଜଳ ବିଶୋଧନାଗାର ପ୍ରକଳ୍ପ ଶେଷ ହୋଇଛି । ସେହିପରି ୩,୦୪୬ଟି ଏକକ ଗ୍ରାମ ଜଳ ଯୋଗାଣ ପ୍ରକଳ୍ପ, ୨,୬୦୨ଟି ସୌର ଶକ୍ତି ଆଧାରିତ ଜଳ ଯୋଗାଣ ପ୍ରକଳ୍ପ ସମାପ୍ତ କରାଯାଉଛି । ଅତିରିକ୍ତ ଜଳ ଯୋଗାଣ ବ୍ୟବସ୍ଥା ବାବଦରେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ୨୮,୭୪୧ଟି ନଳକୂପ ମଧ୍ୟ ସ୍ଥାପନ କରାଯାଇଛି ବୋଲି କୁହାଯାଉଛି । ତେଣୁ ଏହି ବ୍ୟବସ୍ଥାଗୁଡ଼ିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ, ଦକ୍ଷ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ ଓ ସୁରକ୍ଷିତ ରଖିବା ପାଇଁ ନୂଆ ନୀତିରେ ବ୍ୟବସ୍ଥା କରାଯାଇଛି । ସେପଟେ ୩୪୦୦ କୋଟିର ଅଟଳ ବସ୍ ଷ୍ଟାଣ୍ଡ ଯୋଜନାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ । ସରକାରଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୩୧-୩୨ ପର୍ଯ୍ୟନ୍ତ ୩୪୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ଜଳସମ୍ପଦ ବିଭାଗର ୫ଟି ପ୍ରକଳ୍ପକୁ ମିଳିଛି ମଞ୍ଜୁରୀ । ସେହିପରି ରାଜ୍ୟର ୩୧୮ଟି ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରାଯିବ । କେନ୍ଦୁଝରରେ ୧୬୪୭ କୋଟି ବ୍ୟୟରେ ନୂଆ ରେଳ ସବ୍‌ଷ୍ଟେସନ ନିର୍ମାଣ ହେବ । ଓଡ଼ିଶା ଶ୍ରମ ସେବା ନିୟମାବଳୀରେ ସଂଶୋଧନକୁ ମଧ୍ୟ ମଞ୍ଜୁରୀ ମିଳିଛି ।

ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଂଚାୟତିରାଜ ବିଭାଗର ଚିଠି

ଭୁବନେଶ୍ୱର, ୧୦/୪ (ଆ.ପ୍ର) : ୨୦୨୭ରେ ହେବ ପଂଚାୟତ ନିର୍ବାଚନ । ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଂଚାୟତିରାଜ ବିଭାଗର ଚିଠି । ୱାର୍ଡ ମେମ୍ବର, ସରପଂଚ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁଯାୟୀ, ୱାର୍ଡ ମେମ୍ବର, ସରପଂଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଉଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ କରିବେ । ୨୪ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ଜଣାଇବେ । ସେହିପରି ଜିଲ୍ଲା ପରିଷଦ ସଦସ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରିବେ । ୨୯ ତାରିଖ ସୁଦ୍ଧା ସରକାରଙ୍କ ଅନୁମୋଦନ କ୍ରମେ ୩୦ ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ଜଣାଇବେ । ଜିଲ୍ଲା ପରିଷଦ ଅଧକ୍ଷ ପାଇଁ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ । ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ରହିବ । ପଛୁଆ ବର୍ଗଙ୍କ ପାଇଁ ୨୭ପ୍ରତିଶତ ଯାଏଁ ସଂରକ୍ଷଣ ରହିବ । ମହିଳାଙ୍କ ପାଇଁ ୫୦ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ । ସୂଚନା ଥାଉକି, ୨୦୨୨ରେ ୫ଟି ପର୍ଯ୍ୟାୟରେ ପଂଚାୟତ ନିର୍ବାଚନ ହୋଇଥିଲା । ୮୫୨ଟି ଜିଲ୍ଲା ପରିଷଦ ଜୋନ୍‌ରୁ ୭୬୬ଟି ଆସନ ଜିତି ବିଜେଡି ବୃହତ୍ ବିଜୟ ହାସଲ କରିଥିଲା । ୩୦ଟି ଜିଲ୍ଲାରେ ପରିଷଦ ଗଠନ କରିଥିଲା । ସେହିପରି ବିଜେପି ଏବଂ କଂଗ୍ରେସ ପ୍ରମୁଖ ବିରୋଧୀ ଦଳ ଭାବେ ବରାବର ଟକ୍କର ଦେଇଥିଲେ । ହେଲେ ଏବେ ରାଜ୍ୟ ରାଜନୀତିର ଚିତ୍ର ବଦଳିଛି । ଅନ୍ତଃକଳହ ଯୋଗୁଁ ବିଜେଡି ଭାଗ ଭାଗ ହୋଇଛି । ଅସନ୍ତୁଷ୍ଟ ଗୋଷ୍ଠୀମାନେ ବିଜୁ ଲିଗାସୀର ଦୁହାଇ ଦେଇ ବିଜେଡିକୁ ମୁହଁ ମୋଡ଼ିଛନ୍ତି । ଖୁବ୍ ଶୀଘ୍ର ରାଜ୍ୟରେ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି । ସେପଟେ ରାଜ୍ୟ କଂଗ୍ରେସର ସ୍ଥିତି ନକହିବା ଭଲ । ମହମ୍ମଦ ମୋକିମ୍ ଙ୍କ ନେତୃତ୍ୱରେ ଆଉ ଏକ ଦଳ ମୁଣ୍ଡ ଟେକୁଛି । ଆଗାମୀ ପଂଚାୟତ ନିର୍ବାଚନରେ ଏହାର ବଡ଼ ପ୍ରଭାବ ପଡ଼ିବ । ବିଜେପିକୁ ସିଧାସଳଖ ଭାବେ ଏହାର ଫାଇଦା ମିଳିବ ।

୨୪ଘଂଟା ଯାଏଁ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦/୪ (ଆ.ପ୍ର) : ବର୍ତ୍ତମାନ ଓଡ଼ିଶା ଉପରେ ଏକ ଟ୍ରଫଲାଇନ୍ ସକ୍ରିୟ ରହିଛି । ଯାହାର ପ୍ରଭାବରେ ଆସନ୍ତା ୨୪ ଘଂଟା ଯାଏଁ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିବା କହିଛନ୍ତି ଆଂଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି । ସେ ଆହୁରି କହିଛନ୍ତି, ୧୧ଜିଲ୍ଲାକୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ନେଇ ଜାରି ହୋଇଛି ୟେଲୋ ଆଲର୍ଟ । ସେହି ସବୁ ଜିଲ୍ଲା ଗୁଡ଼ିକ ହେଲା କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଯାଜପୁର, ଭଦ୍ରକ, ବାଲେଶ୍ୱର । ଆସନ୍ତାକାଲିଠାରୁ ପ୍ରଭାବ ଓଡ଼ିଶା ଉପରେ ନାହିଁ । ଉପରମୁହାଁ ହେବ ପାରଦ । ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ଡିଗ୍ରୀ ଡେଇଁବ । ୧୧ ରୁ ୧୬ତାରିଖ ପର୍ଯ୍ୟନ୍ତ ସମସ୍ତ ଉପକୂଳ ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଗରମ, ଗୁଳୁଗୁଳି ହେବାର ସମ୍ଭାବନା ଥିବାରୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମ ପ୍ରବାହ ନେଇ ଜାରି ହୋଇଛି ୟେଲୋ ଆଲର୍ଟ । ସେହି ସବୁ ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି । ଏଥିସହ ଦିନ ତାପମାତ୍ରା ପ୍ରାୟ ୪ରୁ ୬ଡିଗ୍ରୀ ବଢ଼ିବାର ଆକଳନ କରିଛି ପାଣିପାଗ କେନ୍ଦ୍ର । ଗତ ୨୪ଘଂଟାରେ ସର୍ବାଧିକ ବର୍ଷା ପୁରୀ ଜିଲ୍ଲାର ନିମାପଡ଼ାରେ ୬୦.୦ମିଲିମିଟର ବର୍ଷା ରେକର୍ଡ଼ ହୋଇଥିବାବେଳେ ସର୍ବାଧିକ ଦିନ ତାପମାତ୍ରା ରେକର୍ଡ଼ କରାଯାଇଛି ବୌଦ୍ଧରେ ୩୮.୯ ଡିଗ୍ରୀ ସେଲସିୟସ । ଏପଟେ ଭୁବନେଶ୍ୱରରେ ୩୪.୭ଡିଗ୍ରୀ ସେଲସିୟସ ରେକର୍ଡ଼ ହୋଇଥିବାବେଳେ କଟକରେ ୩୩.୪ଡିଗ୍ରୀ ସେଲସିୟସ ରେକର୍ଡ଼ କରାଯାଇଛି ।

୩୬ଟି ବନ୍ଧୁକ ସହ ୪୨ ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦/୪ (ଆ.ପ୍ର) : ସୀମାନ୍ତ ତେଲେଙ୍ଗାନା ପୁଲିସକୁ ମିଳିଛି ବଡ଼ ସଫଳତା । ସରକାରଙ୍କ ଶେଷ ଟାର୍ଗେଟର ୧୦ ଦିନ ପରେ ବି ଜଙ୍ଗଲରେ ରହିଯାଇଥିବା ୪୨ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ହାଇଦ୍ରାବାଦରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏହି ନକ୍ସଲମାନେ ୩୬ଟି ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ କେନ୍ଦ୍ରୀୟ କମିଟି ମେମ୍ବର ରହିଥିବା ବେଳେ ଜଣେ ତେଲେଙ୍ଗାନା ଷ୍ଟେଟ୍ କମିଟି ମେମ୍ବର, ୫ ଜଣ ଡିଭିସିଏମ୍, ୧୮ ଜଣ ଏସିଏମ୍ ଏବଂ ୧୭ ଜଣ ପାର୍ଟି ମେମ୍ବର ଅଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟି ସଦସ୍ୟ ସୋଡି ମଲ୍ଲୁ ଓରଫ ନିଖିଲ, ଷ୍ଟେଟ କମିଟି ମେମ୍ବର ତପା ନାରାୟଣ ଓରଫ ଗଜେନ୍ଦ୍ର ଅଛନ୍ତି । ଅନ୍ୟମାନେ ହେଲେ ଡିଭିସିଏମ୍ ସଦସ୍ୟ ମାଡବୀ ମଲ୍ଲା, କାଡତି ସୋନୁ, ମଡିୟମ ମୁନ୍ନି, ପୁନେମ ଶୁକ୍କୁ, ହେମଲା ଇଛି, ଏସିଏମ୍ ସୋଡୀ ଭୀମା, ତାଟି ରାଜୁ, କୋବାସୀ ରାଜୁ, ମଡିୟମ ଭୀମା, ମାଡକମ ଭୀମା, ପୋଡିୟମ ଗାଙ୍ଗି, ସୋଡି ଭୀମା, କୁଡାମ ଦେବୀ । ଏମାନଙ୍କ ନାମରେ ସରକାର ୧ କୋଟି ୯୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏମାନେ ପୁଲିସ ନିକଟରେ ୫ଟି ଏକେ-୪୭, ୪ ଏସ୍‌ଏଲ୍‌ଆର ରାଇଫଲ, ୩ଟି ଇନସାସ, ୬ଟି ୩୦୩ ରାଇଫଲ, ଗୋଟିଏ ୯ଏମ୍‌ଏମ୍ ପିସ୍ତଲ, ୨ଟି ରିଭଲଭର, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଏୟାର ଗନ୍ ସମେତ ୧୦୦୭ଟି ଜୀବନ୍ତ ଗୁଳି ଏବଂ ୮୦୦ ଗ୍ରାମ ସୁନା ମଧ୍ୟ ହସ୍ତାନ୍ତର କରିଛନ୍ତି । ଏଥିସହ ଏକେ-୪୭ ବନ୍ଧୁକ ପାଇଁ ୪ ଲକ୍ଷ, ଇନ୍‌ସାସ୍ ବନ୍ଧୁକ ପାଇଁ ୨ ଲକ୍ଷ, ଏସ୍‌ଏଲ୍‌ଆର ବନ୍ଧୁକ ପାଇଁ ୨ ଲକ୍ଷ ଟଙ୍କା, ୩୦୩ ପାଇଁ ଏକ ଲକ୍ଷ ଟଙ୍କା, ୧୨ ବୋର ବନ୍ଧୁକ ପାଇଁ ୩୦ ହଜାର ଟଙ୍କା, ୯ଏମ୍‌ଏମ୍ ବନ୍ଧୁକ ପାଇଁ ୨୫ ହଜାର ଟଙ୍କା ପୁରସ୍କାର ରହିଛି । ପ୍ରକାଶ ଥାଉକି ତେଲେଙ୍ଗାନା ପୁଲିସ ନିକଟରେ ୨୦୨୪ ମସିହାରେ ୪୭ ଜଣ ଆତ୍ମସମର୍ପଣ କରିଥିବା ବେଳେ ୩୬ଟି ବନ୍ଧୁକ, ୨୦୨୫ରେ ୫୦୯ ଜଣ ନକ୍ସଲ ସହ ୬୦ ବନ୍ଧୁକ ଏବଂ ୨୦୨୬ରେ ୨୦୫ ଜଣ ନକ୍ସଲ ଆତ୍ମସମର୍ପଣ ସହ ୨୦୬ଟି ବନ୍ଧୁକ ପୁଲିସ ନିକଟରେ ହସ୍ତାନ୍ତର କରିଛନ୍ତି । ଆଉ ଯେଉଁ ନକ୍ସଲମାନେ ଏବେ ବି ଜଙ୍ଗଲରେ ବୁଲୁଛନ୍ତି । ଜଙ୍ଗଲରେ ଚଳପ୍ରଚଳ କରୁଥିବା ମାଓବାଦୀମାନଙ୍କୁ ତୁରନ୍ତ ଆତ୍ମସମର୍ପଣ କରିବାକୁ ତେଲେଙ୍ଗାନା ସରକାର ଅନୁରୋଧ କରିଛନ୍ତି ।

ବିବାଦୀୟ ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ଇସ୍ତଫା, ଘରୁ ମିଳିଥିଲା ପୁଳା ପୁଳି ପୋଡ଼ା ଟଙ୍କା

ନୂଆଦିଲ୍ଲୀ, ୧୦/୪(ନ୍ୟୁ.ଏ): ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା । ଘରୁ ପୁଳା ପୁଳା ଟଙ୍କା ମିଳିବାରୁ ବିବାଦକୁ ଆସିଥିଲେ ଜଷ୍ଟିସ୍ ଯଶଓ୍ୱନ୍ତ । ତାଙ୍କ ଦିଲ୍ଲୀ ବାସଭବନକୁ ପୁଳା ପୁଳା ପୋଡ଼ା ଟଙ୍କ ମିଳିଥିଲା । ମାମଲା ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ସ୍ଥାନାନ୍ତର କରାଯାଇଥିଲା । ଏପ୍ରିଲ ୫ ତାରିଖରେ ୨୦୨୫ରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଭାବେ ଶପଥ ନେଇଥିଲେ । ବ☐ମାନ ଆଭ୍ୟନ୍ତରୀଣ ତଦନ୍ତର ସମ୍ମୁଖୀନ ହେଉଛନ୍ତିଯଶବନ୍ତ । ତାଙ୍କ ବିରୋଧରେ ମହାଭିଯୋଗ କାର୍ଯ୍ୟାନୁଷ୍ଠାନ ଚାଲିଛି । ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା ତାଙ୍କ ଇସ୍ତଫାର କାରଣ କହି ନାହାନ୍ତି ହେଲେ ଏହି ପଦବୀରେ କାର୍ଯ୍ୟ କରିବା ଏକ ସମ୍ମାନ ବୋଲି ବର୍ଣ୍ଣନା କରିଛନ୍ତି । ତାଙ୍କ ଇସ୍ତଫା ପତ୍ରରେ, ଜଷ୍ଟିସ୍ ଯଶବନ୍ତ ବର୍ମା ଲେଖିଛନ୍ତି, ମୁଁ ଆପଣଙ୍କ ସମ୍ମାନନୀୟ କାର୍ଯ୍ୟାଳୟକୁ ଏହି ଚିଠି ଦାଖଲ କରିବାକୁ ବାଧ କରୁଥିବା କାରଣଗୁଡିକ ପ୍ରକାଶ କରିବାକୁ ଚାହୁଁନାହିଁ । ତଥାପି ଗଭୀର ଦୁଃଖର ସହିତ ମୁଁ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଭାବରେ ତୁରନ୍ତ ମୋର ଇସ୍ତଫା ପ୍ରଦାନ କରୁଛି ।" ମାର୍ଚ୍ଚ ୧୪, ୨୦୨୫ରେ ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନର ଏକ ଷ୍ଟୋର ରୁମରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନି ନିର୍ବାପନ ସମୟରେ ତାଙ୍କ ଘରୁ ବିପୁଳ ପରିମାଣର ନଗଦ ଜବତ ହୋଇଥିଲା । ଯେଉଁଥିରୁ କିଛି ପୋଡ଼ି ଯାଇଥିଲା । ଘରୁ ପୁଳା ପୁଳା ଟଙ୍କା ମିଳିବା ପରେ, ସୁପ୍ରିମକୋର୍ଟର ତତ୍କାଳୀ ପ୍ରଧାନବିଚାରପତି ଏକ ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ କରିଥିଲେ । ଏହି କମିଟି ବର୍ମାଙ୍କୁ ପଦରୁ ବହିଷ୍କାର କରିବାକୁ ସୁପାରିଶ କରିଥିଲେ । ଏହି ବିବାଦ ଯୋଗୁଁ ଜଷ୍ଟିସ୍ ବର୍ମା ମାର୍ଚ୍ଚ ୨୦୨୫ ଶେଷ ଭାଗରେ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା । ଜଷ୍ଟିସ ବର୍ମା ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଇଚ୍ଛୁକ ନଥିଲେ । ସଂସଦରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି । ଲୋକସଭାରେ ୧୪୬ ସଦସ୍ୟ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ । ଲୋକସଭାରେ ବାଚସ୍ପତି ବିଚାରପତିମାନଙ୍କ ତଦନ୍ତ ପାଇଁ ଆଇନ ଅନୁଯାୟୀ ଏକ ୩ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ । ଏହି ପ୍ରକ୍ରିୟା ଏ ପର୍ଯ୍ୟନ୍ତ ଜାରି ରହିଛି ।, ସଂସଦର ଉଭୟ ଗୃହରେ ତାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯାଇଥିଲା ଏବଂ ଲୋକସଭା ବାଚସ୍ପତି ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ବିଚାରପତି (ଅନୁସନ୍ଧାନ) ଆଇନ, ୧୯୬୮ ଅନୁଯାୟୀ ଏକ କମିଟି ନିଯୁକ୍ତ କରିଥିଲେ । ହୁଏତ ଅନ୍ୟ କୌଣସି ଉପାୟ ପାଇଁ ଜଷ୍ଟିସ୍ ଯଶୋବନ୍ତ ବର୍ମା ଇସ୍ତଫା ଦେଇଛନ୍ତି ।

ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦକୁ ନେଇ ଚାରିଆଡୁ ବିରୋଧ ପରେ ଶାସକ ଦଳରୁ ଉଠିଲା ସ୍ୱର

ଭୁବନେଶ୍ୱର, ୧୦/୪ (ଆ.ପ୍ର) : ମେଟ୍ରୋ ରେଳ ପ୍ରକଳ୍ପ ଚୁକ୍ତି ବାତିଲକୁ ନେଇ ସବୁଠି ଅସନ୍ତୋଷ । ଟୁଇନସିଟି ବାସୀଙ୍କ ଠାରୁ ଆରମ୍ଭ କରି ପ୍ରମୁଖ ରାଜନୈତିକ ଦଳ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଆସୁଛନ୍ତି । ଏବେ ଶାସକ ଦଳରୁ ସ୍ୱର ଉଠିବା ପରେ ତେଜିଛି ରାଜନୀତି । ଚାପ ପଡିବା ପରେ ପ୍ରକଳ୍ପ ବାତିଲ ହୋଇ ନାହିଁ କହି କଥା ବୁଲାଉଛନ୍ତି ନଗର ଉନ୍ନୟନ ମନ୍ତ୍ରୀ । ମେଟ୍ରୋ ରେଳ ପ୍ରକଳ୍ପ ଚୁକ୍ତି ବାତିଲ ନିଷ୍ପତି ସରକାରଙ୍କ ଟଂଟିରେ କଂଟା ହୋଇଛି । ବିରୋଧୀଙ୍କ ସମେତ ଭୁବନେଶ୍ୱର, କଟକ, ପୁରୀବାସୀ ଏଥିପାଇଁ ସରକାରଙ୍କୁ ସମାଲୋଚନା କରୁଛନ୍ତି । ଚାରିଆଡୁ ସମାଲୋଚନା ପରେ ବାହାରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି, ଗତ ଏପ୍ରିଲ ୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ନିଆଯାଇଥିବା ନିଷ୍ପତିର ପୁନଃବିଚାର କରିବା ପାଇଁ ନିବେଦନ କରିଛନ୍ତି । ଲେଖିଛନ୍ତି, କିଛି ପ୍ରକଳ୍ପ ଲୋକଙ୍କ ହିତ ପାଇଁ ହୋଇଥାଏ, ଲାଭ ପାଇଁ ନୁହେଁ । ବର୍ତ୍ତମାନ ସମୟ ପାଇଁ ଭୁବନେଶ୍ୱରର ଦ୍ରୁତ ନଗରୀକରଣ ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ମେଟ୍ରୋ ଏକ ଅପରିହାର୍ଯ୍ୟ ଆବଶ୍ୟକତା । କଟକ ଓ ଖୋର୍ଦ୍ଧାକୁ ମିଶାଇ ଏହି ଅଂଚଳର ଜନସଂଖ୍ୟା ମେଟ୍ରୋ ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରୁଛି । ପ୍ରକଳ୍ପଟି ସ୍ଥଗିତ ହେଲେ ଭବିଷ୍ୟତରେ ଏହାର ନିର୍ମାଣ ଖର୍ଚ୍ଚ ୨ ରୁ ୪ ଗୁଣ ବୃଦ୍ଧି ପାଇପାରେ ବୋଲି ସେ ସତର୍କ କରାଇଛନ୍ତି । ମେଟ୍ରୋ ପ୍ରକଳ୍ପ ପାଇଁ ଅପରାଜିତା ଚିଠି ଲେଖିବା ପରେ ତେଜିଛି ରାଜନୀତି । ଭୁବନେଶ୍ୱର ମେୟର ସୁଲୋଚନା ଦାସ କଟାକ୍ଷ କରି କହିଛନ୍ତି, ଡେରିରେ ହେଉ ପଛେ ସାଂସଦଙ୍କ ଆଖି ଖୋଲିଲା । ଆଶା ରଖୁଛୁ ପ୍ରକଳ୍ପ କାର୍ଯ୍ୟ ହେବ । କଂଗ୍ରେସ ବି ଆନ୍ଦୋଳନର ଚେତାବନୀ ଦେଉଛି । ବିବାଦ ବଢୁଥିବା ବେଳେ ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦ କଥାକୁ ଖଣ୍ଡନ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ । ସଫେଇ ରଖି କହିଛନ୍ତି, ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି ସାମୟିକ ସ୍ଥଗିତ ରହିଛି । ମୁଖ୍ୟମନ୍ତ୍ରୀ କେଉଁଠି ମନା କରି ନାହାନ୍ତି । ଏହା ମୁଖ୍ୟମନ୍ତ୍ରୀଙ୍କ ବିଚାରାଧୀନ ରହିଛି । ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଦିଲ୍ଲୀ ମେଟ୍ରୋ ରେଲ୍ ନିଗମ ସହ ହୋଇଥିବା ଚୁକ୍ତିକୁ ବାତିଲ୍ କରି ଦିଆଯାଇଛି । ଯାହାଫଳରେ ପାଣିରେ ପଡିଛି ମେଟ୍ରୋ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଥିବା ୨୭୩କୋଟି । ସରକାରଙ୍କ ନିଷ୍ପତି ରାଜ୍ୟବାସୀଙ୍କ ସ୍ୱପ୍ନ ବି ମଉଳି ଯାଉଛି । ଏବେ ଅପେକ୍ଷା ଆଗକୁ କି ପଦକ୍ଷେପ ନେଉଛନ୍ତି ସରକାର ।

ବାହାର ଭଣ୍ଡାର ରତ୍ନ ଗଣତିମଣତି, ଶ୍ରୀମନ୍ଦିରକୁ ପ୍ରବେଶ କଲେ ଉଚ୍ଚସ୍ତରୀୟ କମିଟି

ପୁରୀ, ୧୦/୪ (ଆ.ପ୍ର) : ଶ୍ରୀମନ୍ଦିର ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟର ଗଣତିର ତୃତୀୟ ଦିନ । ବାହାର ରତ୍ନଭଣ୍ଡାର ଗଣତିମଣତି ପାଇଁ ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ପ୍ରାଧିକୃତ ଅଧିକାରୀ, ସେବକ ଓ କର୍ମଚାରୀମାନେ ମନ୍ଦିରକୁ ପ୍ରବେଶ କରିଛନ୍ତି । ଶନିବାର ବି ଚାଲିବ ରତ୍ନର ଗଣତିମଣତି । ରବିବାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଗଣତିମଣତି ବନ୍ଦ ରହିବ । ୧୩ ତାରିଖ ଓ ପରେ ୧୬ରୁ ୧୮ ତାରିଖରେ ମଧ୍ୟରେ ଜାରି ରହିବ ଗଣତିମଣତି । ପ୍ରଥମ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ଇତ୍ୟାଦିର ଗଣତିମଣତି ସରିବା ପରେ ଏହି କାର୍ଯ୍ୟ ନିମନ୍ତେ ନିୟୋଜିତ ଟିମ୍ ଦ୍ୱିତୀୟ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାର ଗଣତିମଣତି କରିଥିଲେ । ତୃତୀୟ ଦିନରେ ରତ୍ନଭଣ୍ଡାର ଗଣତିମଣତି ଟିମ୍ ବଡ଼ଦେଉଳକୁ ପ୍ରବେଶ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ସକାଳ ଧୂପ ପରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଛି । ଗଣତିମଣତି ସମୟରେ ବାହାର କାଠ ଠାରୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ । ନୀତିକାନ୍ତିକୁ ପ୍ରଭାବିତ ନ କରି ଗଣତିମଣତି କାର୍ଯ୍ୟ ଚାଲୁଛି । ପ୍ରଥମ ଦିନରେ ପ୍ରାୟ ସାଢ଼େ ୬ ଘଂଟା ବାହାର ରତ୍ନଭଣ୍ଡାର ଗଣତିମଣତି କରାଯାଇଛି । ହାଇଲେବଲ କମିଟି ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ପ୍ରାଧିକୃତ ଅଧିକାରୀ, ସେବକ ଓ କର୍ମଚାରୀ ଗଣତିମଣତିରେ ସାମିଲ ହୋଇଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦିନ ୧୧ଟା ୫୫ରେ ରତ୍ନଭଣ୍ଡାର ଖୋଲାଯାଇଥିଲା । ଅଳଙ୍କାର ଆଦିର ଫଟୋଗ୍ରାଫି, ଭିଡିଓଗ୍ରାଫି ସହ ଇ-କ୍ୟାଟଲଗ୍ କରାଯାଇଥିଲା । ଦ୍ୱିତୀୟ ଦିନରେ ପ୍ରାୟ ୧୨ଟା ୧୦ରୁ ସନ୍ଧ୍ୟା ୬ଟା ୧୦ ପର୍ଯ୍ୟନ୍ତ ୬ ଘଂଟା ଧରି ହୋଇଥିଲା ଗଣତିମଣତି । ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଥିବା ମଣି, ମାଣିକ୍ୟ, ରତ୍ନ, ଅଳଙ୍କାର ଓ ବିଭିନ୍ନ ଦ୍ରବ୍ୟକୁ ଚିହ୍ନଟ କରୁଛନ୍ତି ରତ୍ନ ବିଶାରଦ ବା ଜେମୋଲୋଜିଷ୍ଟ । ରତ୍ନ ଅଳଙ୍କାରର ମୂଲ୍ୟାଙ୍କନ ନ ହୋଇ କେବଳ ଓଜନ ମାପ କରାଯାଇଥିଲା । ସୂଚନା ମୁତାବିକ, ୧୯୭୮ ମସିହା ରତ୍ନଭଣ୍ଡାର ତାଲିକା ସହ ରକ୍ଷିତ ରତ୍ନ ଅଳଙ୍କାର ଆଦିକୁ ଗଣତିମଣତି ସହ ମେଳକ କରାଯାଉଛି । ଦ୍ୱିତୀୟ ଦିନ ଶେଷ ସୁଦ୍ଧା ବାହାର ଭଣ୍ଡାରର ପ୍ରାୟ ୪୦% ରତ୍ନ ଅଳଙ୍କାର ଗଣତିମଣତି କାର୍ଯ୍ୟ ଶେଷ ହୋଇବା ବୋଲି ଗଣମାଧ୍ୟମକୁ କହିଛନ୍ତି ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ।

ବଙ୍ଗରେ ନିର୍ବାଚନ ପୁରୀରେ ପୋଷ୍ଟର

ପୁରୀ, ୧୦/୪ (ଆ.ପ୍ର) : ପୁରୀ ସହର ସାରା 'ବଙ୍ଗଳା' ପୋଷ୍ଟର । ସାହି ସାହି ଗଳି ଗଳିରେ ବିଜେପି ଲଗାଇଛି ବଙ୍ଗଳା ଭାଷାରେ ପୋଷ୍ଟର । ଆଗାମୀ ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବଙ୍ଗାଳୀ ଭୋଟରଙ୍କୁ ପ୍ରଭାବିତ କରିବାକୁ ବିଜେପି ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଥିବା ଚର୍ଚ୍ଚା ହେଉଛି । ବିଶେଷ ଭାବେ ସମୁଦ୍ରକୂଳ, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ବଡ଼ଦାଣ୍ଡରେ ଯେଉଁଠି ଅଧିକରୁ ଅଧିକ ଲୋକେ ଯାଆସ କରନ୍ତି, ଭିଡ଼ ଜମେ ସେଭଳି ଅଂଚଳରେ ଏହି ପୋଷ୍ଟର୍ ସବୁ ଲାଗିଛି । ଏଥିରେ 'ଜଗନ୍ନାଥ ଧାମକୁ ସ୍ୱାଗତ ଲେଖାଥିବା ସହ, ପଶ୍ଚିମବଙ୍ଗରେ ସନାତନର ସୁରକ୍ଷା କଥା' ଉଲ୍ଲେଖ ରହିଛି । ପ୍ରଥମ ଥର ପାଇଁ କୌଣସି ରାଜନୈତିକ ଦଳ ପକ୍ଷରୁ ପୁରୀରେ ଏପରି ବଙ୍ଗଳାରେ ପୋଷ୍ଟର୍ ଲଗାଯାଇଛି ।

ଷ୍ଟେମ୍ ଆଧାରିତ ପ୍ରାଥମିକ ଶିକ୍ଷା ପ୍ରସାର ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା, ୧୦/୪ (ଆ.ପ୍ର) : କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ନୋଡାଲ ଟାଉନ ହାଇସ୍କୁଲ ଠାରେ ଦୁଇଦିନିଆ ଷ୍ଟେମ୍ ବିଜ୍ଞାନ,ପ୍ରଯୁକ୍ତି, ବୈଷୟିକ ବିଜ୍ଞାନ ଓ ଗଣିତ ଉଦ୍ୟମ ଅଧିନରେ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମଟି ନାଗରିକ ବିକାଶ ସଂଗଠନ, ଆତ୍ମାଶକ୍ତି ଟ୍ରଷ୍ଟ, ମନ୍ତ୍ରା ଫର୍ ଚେଞ୍ଜ ଏବଂ ଶିକ୍ଷାଗ୍ରହର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟର କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ଥିଲେ । ଏଥିମଧ୍ୟରୁ ମଧ୍ୟରୁ ଅଧିକାଂଶ ଯୁବତୀ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଯୋଗଦେଇ ଷ୍ଟେମ୍ ଶିକ୍ଷାରେ ଲିଙ୍ଗ ସମାନତାକୁ ଉନ୍ନତ କରିବାରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ବିଷୟବସ୍ତୁ ଉପରେ ଆଲୋକପାତ କରି ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ଦିଗରେ ପ୍ରଚେଷ୍ଟାକୁ ଗୁରୁତ୍ୱ ଦେଇ ଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ବାସ୍ତବ ଜୀବନ ସହିତ ଷ୍ଟେମ୍ ଧାରଣାକୁ ସମନ୍ୱିତ କରି ଶିକ୍ଷାକୁ ଆକର୍ଷଣୀୟ ଓ ସହଜ, ବୋଧଗମ୍ୟ କରିବା । ଏହି ଉଦ୍ୟମର ଉଦ୍ଦେଶ୍ୟ ହେଉଛି ଏକ ସକ୍ରିୟ ସ୍ୱେଚ୍ଛାସେବୀ ଦଳ ତିଆରି କରିବା, ଯେଉଁମାନେ ସ୍କୁଲ ଓ ସମୁଦାୟ ସ୍ତରରେ ଷ୍ଟେମ୍ ଶିକ୍ଷାକୁ ପ୍ରୋତ୍ସାହନ ଦେବେ । ସହଯୋଗୀ ସଂଗଠନମାନଙ୍କ ପ୍ରତିନିଧିମାନେ ଏହି ପ୍ରକାର ଉଦ୍ୟମର ଗୁରୁତ୍ୱକୁ ଉଲ୍ଲେଖ କରି କହିଥିଲେ ଯେ, ଏହା ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଉତ୍ସୁକତା ଓ ସମସ୍ୟା ସମାଧାନ କ୍ଷମତା ବିକାଶରେ ଦୃଢ ଭୂମିକା ନେବ ବୋଲି କହିଛନ୍ତି ।

ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ ଜବତ

ଚିଲିକା ରାଣପୁର, ୧୦/୪ (ଆ.ପ୍ର) : ଭାରତୀୟ ନୌସେନା (ଆଇଏନ୍ଏସ୍) ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ପରିସରରୁ ବୁଧବାର ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି । ମୃତକ ହେଲେ ଉତ୍ତର ପ୍ରଦେଶ ମିରଟ୍ ଜିଲା ଅନ୍ତର୍ଗତ ମହମ୍ମଦପୁର ଧୁମି ଗ୍ରାମର କାର୍ତ୍ତିକ ଯାଦବ । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଏ ସମ୍ପର୍କରେ ବାଲୁଗାଁ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୬) ରୁଜୁ କରି ତଦନ୍ତ ଜାରି ରଖିଛି । ଘଟଣା ସମ୍ପର୍କରେ ନୌସେନା କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୁରୁବାର ସକାଳେ କାର୍ତ୍ତିକଙ୍କ ମା'ବାପା ନାଭାଲ ଫାଣ୍ଡିରେ ପହଂଚିବା ପରେ ମୃତଦେହ ବ୍ୟବଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯାଇଛି । କେଉଁ କାରଣରୁ କାର୍ତ୍ତିକ ଇସ୍ତଫା ଦେବାକୁ ଚାହୁଁଥିଲେ ଏବଂ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଲେ ତାହା ତଦନ୍ତ ପରେ ହିଁ ଜଣାପଡ଼ିବ । ସୂଚନା ମୁତାବକ, ଆଇଏନଏସ୍ ଅଗ୍ନିବୀରଙ୍କ ତାଲିମ ଜାରି ରହିଛି । କାର୍ତ୍ତିକ ଅଗ୍ନିବୀର ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଗତ ଫେବୃଆରୀ ୧୭ରେ ପ୍ରଶିକ୍ଷଣରେ ଯୋଗଦେଇଥିଲେ । ଗତ ୭ ତାରିଖ ଅର୍ଥାତ୍ ମଙ୍ଗଳବାର କାର୍ତ୍ତିକ ତାଙ୍କ ମା'ଙ୍କୁ ଫୋନ କରି ଜଣାଇଥିଲେ ଯେ, 'ଏହି ଚାକିରି କରିବାକୁ ତାଙ୍କର ଇଚ୍ଛାନାହିଁ, ଇସ୍ତଫାପତ୍ର ପଠାଇଛି, ଏଥିରେ ମା'ବାପାଙ୍କ ସ୍ୱୀକୃତି ଆବଶ୍ୟକ ପଡୁଛି, ତେଣୁ ତୁମେ ଦସ୍ତଖତ କରିଦିଅ' । ପୁଅର ହଠାତ୍ ଏପରି ନିଷ୍ପତିକୁ ତାଙ୍କ ମା' ସହଜରେ ଗ୍ରହଣ ନ କରି ଆଉ ଦୁଇତିନି ମାସ କଷ୍ଟକରି ରହିବା ପାଇଁ ବୁଝାଇଥିଲେ । ବୁଧବାର କାର୍ତ୍ତିକ ପୁଣି ତାଙ୍କ ମା'ଙ୍କୁ ଫୋନ କରି ଦସ୍ତଖତ କରି ପଠାଇବାକୁ ନିବେଦନ କରିଥିଲେ । ହେଲେ ତାଙ୍କ ମା' ଦସ୍ତଖତ କରିବେ ନାହିଁ ସେ ବୋଲି ମନା କରିଦେଇଥିଲେ । ଏହାପରେ ସନ୍ଧ୍ୟାରେ ନିଜ ବାରାକ୍‌ରେ କାର୍ତ୍ତିକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ତାଙ୍କ ବାପା ରାଜକୁମାର ଯାଦବ ବାଲୁଗାଁ ଥାନା ନାଭାଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ।

ଅପ୍ରେଲ ୧୭ରେ ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

ପୁରୀ, ୧୦/୪ (ଆ.ପ୍ର) : ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ୧୭ ରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ପରିସରରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳା ସକାଳ ୧୦ ଘଟିକା ରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରି ଅତିରିକ୍ତ ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ ବସ୍ତି କହିଥିଲେ ଯେ ଜିଲ୍ଲାର ନିଯୁକ୍ତି ଆଶାୟୀ ୧୮ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇ ପାରିବେ ।ଏହି ନିଯୁକ୍ତି ମେଳାରେ ୮ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ,ଆଇଟିଆଇ ଓ ଡିପ୍ଲୋମା ପାସ କରି ଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ ।ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତି ଦାତା ମାନେ ଅଂଶ ଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ । ଆଶାୟୀ ପ୍ରାର୍ଥୀ ବା ପ୍ରାର୍ଥୀନୀ ମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାର ରେ ନିଜ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତକାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ । ଏତଦ ବ୍ୟତୀତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡିଶା ଯୋଜନା ମାଧ୍ୟମରେ ଅଧିକୃତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ର ଅଧିକାରୀ ମାନେ ଏହି ନିଯୁକ୍ତି ମେଳା ରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗ ଗୁଡିକ ରେ ସ୍ୱଳ୍ପ ଅବଧିର ନିଯୁକ୍ତି ଭିତିକ ଦକ୍ଷତା ବିକାଶ ତାଲିମ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ପଞ୍ଜିକୃତ କରିବେ ।ତାଲିମ ସମାପ୍ତ ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥା ମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ରେ ନିଯୁକ୍ତି ପ୍ରଦାନ କରିବେ । ତାଲିମ ସମୟର ରହିବା, ୟୁନିଫର୍ମ ପୋଷାକ, ବୀମା, ପାଠ୍ୟ ଉପକରଣ, ଖାଦ୍ୟ ପେୟ ଇତ୍ୟାଦିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ବସ୍ତି ସୂଚନା ଦେଇଥିଲେ ।ପୁରୀ ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ଯୁବକ ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ଅପ୍ରେଲ ୧୭ ତାରିଖ ଦିବା ୧୦ ଘଟିକା ସମୟରେ ପୁରୀ ସରକାରୀ ଆଇଟିଆଇ, ତାଳବଣିଆ ଠାରେ ଅଂଶଗ୍ରହଣ କରିବାକୁ ନିଯୋଜନ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ । ଏହି ଗଣମାଧ୍ୟମ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ସେବକ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ ସହକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ

ଖୋର୍ଦ୍ଧା, ୧୦/୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉକ୍ତ ସଚେତନତା ରଥ ଜିଲ୍ଲାରେ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ବୁଲି ଜନସାଧାରଣ ମାନଙ୍କୁ ସଚେତନ କରିବ ଜନଗଣନା ବିଷୟରେ ଏବଂ ସ୍ୱ ଗଣନା କିପରି କରିବେ ସେ ସମ୍ବନ୍ଧରେ ରଥ ଡ଼ାକବାଜି ଯନ୍ତ୍ର ଓ ଲିଖିତ ଭାବେ ସଚେତନତା କରିବ । ଏହି କାର୍ଯ୍ୟକ୍ରମରେ ଗୃହ ଗଣନା ୧୬ ଅପ୍ରିଲ୍ ୨୦୨୬ ରୁ ୧୫ ମଇ ୨୦୨୬, ଦେଶର ପ୍ରଥମ ଡିଜିଟାଲ ସ୍ୱ ଗଣନାରେ ୧ ଅପ୍ରେଲ ୨୦୨୬ ରୁ ୧୫ ଅପ୍ରେଲ ୨୦୨୬ ମଧ୍ୟ ରାତ୍ର ପର୍ଯ୍ୟନ୍ତ https://se.census.gov.in ରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ସଠିକ୍ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ,ବୋଲି ପରାମର୍ଶ ଦିଆଯାଇଛି । ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ କୁମାର ସେଠୀ, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ, ରଞ୍ଜନ କୁମାର ଜେନା, ସ୍ୱିଟି ସୋରେନ, ଆର୍ତ୍ତ ତ୍ରାଣ ମଲ୍ଲିକ, ଆସିଷ୍ଟାଂଟ କଲେକ୍ଟର ଶିଷର୍ ତ୍ରିପାଠୀ, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ ।

ଲାଞ୍ଜିଗଡ଼ରୋଡ଼ ବିଭିନ୍ନ ବିଦ୍ୟାଳୟ ବୁଲିଲା ଶିକ୍ଷା ସଚେତନତା ରଥ

ଭବାନୀପାଟଣା, ୧୦/୪ (ଆ.ପ୍ର) : ଶିକ୍ଷାବର୍ଷରେ ନୂତନ ଛାତ୍ରଛାତ୍ରୀମାନଙ୍କ ନାମଲେଖା ଓ ଶିକ୍ଷା ସଚେତନତା ପାଇଁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବାହାରି ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରୁଛି ଶିକ୍ଷା ସଚେତନତା ରଥ । ଏହି ସଚେତନତା ରଥକୁ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଆଂଚଳିକ ସାଧନ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରେ ସ୍ୱାଗତ କରାଯାଇଛି । ଏହି ସଚେତନତା ରଥ ପ୍ରଥମେ ଲାଞ୍ଜିଗଡ଼ରୋଡ ସାଧନକେନ୍ଦ୍ର ଅଧୀନସ୍ଥ ସିକେରକୁପା ପ୍ରାଥମିକ ବିଦ୍ୟାଳୟ ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ଓ କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରେ ପହଂଚିଲା ପରେ ପୂଜାର୍ଚ୍ଚନା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ସଭିଏଁ ସ୍କୁଲ ଯିବା, ପାଠ ପଢ଼ିବା ସଚେତନତା ବାର୍ତ୍ତା ପ୍ରଦାନ କରାଯିବା ସହ ଶିକ୍ଷା ସଚେତନତା ଉପରେ ଅବଗତ କରାଯାଇଥିଲା । ଲାଞ୍ଜିଗଡ଼ରୋଡ଼ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରବଣ କୁମାର ସାଗରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନାଙ୍କୁ ନିଆରା ଢଙ୍ଗରେ ବିଦାୟ ଦେଲେ ଗ୍ରାମବାସୀ

ବାସୁଦେବପୁର, ୧୦/୪ (ଆ.ପ୍ର) : ଏହି ଶୋଭାଯାତ୍ରା କୌଣସି ନେତା କିମ୍ବା ମନ୍ତ୍ରୀଙ୍କର ନୁହେଁ,ଏହା ହେଉଛି ମଣିଷ ତିଆରି କାରଖାନାର ଜଣେ ସ୍ରଷ୍ଟାଙ୍କ ପାଇଁ । ଜୀବନର ପୃଷ୍ଠା ଲେଖୁ ଲେଖୁ କେବେ ସରିଯାଏ, କଥା କହୁ କହୁ କେବେ ଶେଷ ହୋଇଯାଏ ସେହିପରି ଚାକିରୀ ଜୀବନରେ କେବେ ଅବସର ଆସି ପହଁଚିଯାଏ ଜଣାହୁଏ ନାହିଁ । ଏଭଳି ଭାବବିହ୍ୱଳ ପରିବେଶରେ ଭଦ୍ରକ ଜିଲ୍ଲା ବାସୁଦେବପୁରରେ ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନାଙ୍କୁ ଦିଆଯାଇଛି ନିଆରା ବିଦାୟ ସମ୍ବର୍ଦ୍ଧନା । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଂଚାୟତର ମଧୁସୂଦନପୁର କାମିନୀ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ନିଆରା ଢଙ୍ଗରେ ପାଳନ କରାଯାଇଛି । ଦୀର୍ଘଦିନ ଧରି ଶିକ୍ଷାକ୍ଷେତ୍ରରେ ସେବା ଦେଇ ଅନେକ ଛାତ୍ରଛାତ୍ରୀଙ୍କୁ ଉତ୍ତମ ମଣିଷ ଭାବେ ଗଢ଼ି ତୋଳିଥିବା ଏହି ଶିକ୍ଷକଙ୍କ ବିଦାୟ ଅବସରରେ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଯାଇଥିଲା । ସହକର୍ମୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ଭାବବିହ୍ୱଳ ପରିବେଶରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ମୁଖ୍ୟ ଅତିଥି ପଦ୍ମଲୋଚନ ପଣ୍ଡା, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅମିୟ କୁମାର ମହାଳିକ ସହ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ଜଗବନ୍ଧୁ ଜେନାଙ୍କ ଶିକ୍ଷାସେବାକୁ ଉଚ୍ଚ ପ୍ରଶଂସା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସିମୁଳିଆ ଖଇରା ନିର୍ବାଚନୀ ମଣ୍ଡଳୀ, ଅଶୋକ କୁମାର ଦାସ, ବାସୁଦେବ ପୁର ବିଧାୟକ, ସମ୍ମାନିତ ଅତିଥି ଭାବେ ଅମିୟ କୁମାର ମହାଳିକ, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ବାସୁଦେବ ପୁର, ମୁଖ୍ୟବକ୍ତା ସୁଧାଂଶୁ ଶେଖର ମିଶ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ସରପଂଚ ବରଣ୍ଡୁଆ ଗ୍ରାମ ପଂଚାୟତ, ପୂର୍ଣ୍ଣ ଚନ୍ଦ୍ର ପରିଡ଼ା, ସଭାରେ ସଭାପତିତ୍ୱ କରିଥିଲେ, ଦୈତାରି ବେହେରା, ସମ୍ମାନିତ ଅତିଥି ଶାନ୍ତନୁ କୁମାର ପଣ୍ଡିତା, ସଂପାଦକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ୍ ବାସୁଦେବ ପୁର, ପ୍ରଶାନ୍ତ କୁମାର ମଲ୍ଲିକ ସଂଯୋଯୋକ ଆଂଚଳିକ ସାଧନା କେନ୍ଦ୍ର ବେତଡ଼ା, ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ସଂଯୋଜକ ଆଂଚଳିକ ସାଧନ କେନ୍ଦ୍ର ତୁଳମଟୁଳା, ବିଦ୍ୟାଳୟର ପରିଚାଳନା କମିଟି ସଭାପତି, ପ୍ରଭାସ ରଞ୍ଜନ ପାଣିଗ୍ରାହୀ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀମତି ଅନ୍ନପୂର୍ଣ୍ଣା ପାଣିଗ୍ରାହି, ଧନ୍ୟବାଦ୍ ଅର୍ପଣ କରିଥିଲେ ସସ୍ମିତା ମହାନ୍ତି, ପଦ୍ମାବତୀ ଦାଶ, ମିନତି ରାଉତ, ଅନିତା ଶଙ୍ଖୁଆ, ହିମାଂଶୁ ପାଣିଗ୍ରାହୀ, ନିରମାନନ୍ଦ ପଣ୍ଡା, ପ୍ରଫୁଲ୍ଲ କୁମାର ପାତ୍ରୀ, ସହ ସଭାରେ ସ୍ଥାନୀୟ ଶିକ୍ଷକ-ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇଥିଲେ । ଅବସର ପରେ ତାଙ୍କ ଜୀବନ ସୁସ୍ଥ ଓ ସୁଖମୟ ହେଉ ବୋଲି ସମସ୍ତେ କାମନା କରିଥିଲେ ।

ଦୀନଦୟାଲ ଉପାଧ୍ୟାୟ ମଣ୍ଡଳ ପ୍ରଶିକ୍ଷଣ ଶିବିର

ଜଗତସିଂହପୁର, ୧୦/୪ (ଆ.ପ୍ର) : ଜଗତସିଂହପୁର ନଗର ମଣ୍ଡଳ ରର ' ଦୀନ ଦୟାଲ ଉପାଧ୍ୟାୟ ମଣ୍ଡଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ନଗର ମଣ୍ଡଳ ସଭାପତିତଥା ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ । ଏଥିରେ ମାନ୍ୟବର ସାଂସଦ ଡ଼. ବିଭୁ ପ୍ରସାଦ ତାରାଇ, ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ଜିଲ୍ଲା ପ୍ରାକ୍ତନ ସଭାପତି ସତ୍ୟବ୍ରତ ମହାପାତ୍ର (ଗୁଣ୍ଡା ଭାଇ), ପୂର୍ବତନ ଜିଲ୍ଲା ସଭାପତି ଉପେନ୍ଦ୍ର ନାଥ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ଉପସଭାପତି ବିନୋଦ ବିହାରୀ ମହାନ୍ତି, ଜିଲ୍ଲା ସମ୍ପାଦକ ଚିତରଞ୍ଜନ ପଣ୍ଡା, ନଗର ସାଂସଦ ପ୍ରତିନିଧି ସମୀର ନାୟକ ଓ ସୋସିଆଲ ମିଡ଼ିଆ ଜିଲ୍ଲା ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟଙ୍କ ସହ ପ୍ରଶିକ୍ଷକ ଭାବେ ତରୁଣ ଦାସ, ରୂପକ ଖୁଂଟିଆ, ସୁବାଷ ଜେନା, ଜଟାଧାରୀ ସ୍ୱାଇଁ, ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ । ଗତ କାଲି ସନ୍ଧ୍ୟା ୫ ଘଟିକାରେ ଆରମ୍ଭ ହୋଇଥିବା ୨୪ ଘଂଟିଆ ପ୍ରଶିକ୍ଷଣ ଆଜି ସନ୍ଧ୍ୟା ୫ ଘଟିକାରେ ସମାରୋପ କରାଯାଇଥିଲା, ଏହି ପ୍ରଶିକ୍ଷଣ ଶିବିରରେ ରାତ୍ର ଜାପାନ ସହ, ପ୍ରାତଃ କାଳେ ଯୋଗ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପ୍ରଭୃତି ଅନୁଷ୍ଠିତ ହୋଇଥିଲା, ମା ମାନେ ସଂଗୀତ କାର୍ଯ୍ୟକ୍ରମ କରି ଶିବିରକୁ ଆନନ୍ଦ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ଦଳୀୟ ଚିନ୍ତାଧାରାକୁ ଆହୁରି ସୁଦୃଢ କରିବା ସହ ସଂଗଠନକୁ ଶକ୍ତିଶାଳୀ କରିବାରେ ନୂତନ ଉତ୍ସାହ ଓ ଦିଗଦର୍ଶନ ଦେଇଛି । ଆମେ ସମସ୍ତେ ଏହି ଆଦର୍ଶକୁ ଆଗକୁ ବଢ଼ାଇ ଜନସେବାରେ ଆହୁରି ସମର୍ପିତ ହେବାକୁ ସଙ୍କଳ୍ପବଦ୍ଧ । ଆସନ୍ତା ୧୧ ଓ ୧୨ ରେ, ମଣ୍ଡାସାହି, ନାଉଗାଁ ଓ ଆଳିପିଙ୍ଗଲ ମଣ୍ଡଳର ପ୍ରଶିକ୍ଷଣ ହେବାସହ, ୧୨/୧୩ରେ କାଦୁଅପଡା ଓ ଅଗଣା ହାଟ ମଣ୍ଡଳରେ ଅନୁଷ୍ଠିତ ହେବ । ଏହି ଶିବିରକୁ କାଉନସିଲର ସବିତା ପଧାନ, ମନୋରମା ଦାସ, ସମିତ ଷଡ଼ଙ୍ଗୀ, ହେମନ୍ତ ପଳାଉରୀ, ଅଜୟ ତ୍ରିପାଠୀ, ରାଜନାରାୟଣ ସାହୁ, ନବଘନ ସ୍ୱାଇଁ ପ୍ରଭୃତି ପରିଚାଳନା କରିଥିଲେ ।

ବନ୍ଧ ପୁନରୁଦ୍ଧାର ସହ ଉନ୍ନୟନ କାର୍ଯ୍ୟ ନେଇ ଈଓଙ୍କ ସହ ଅଂଚଳବାସୀଙ୍କ ଆଲୋଚନା

ଜି.ଉଦୟଗିରି, ୧୦/୪ (ଆ.ପ୍ର) : ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ଅଂଚଳର ବିଭିନ୍ନ ସମସ୍ୟା ଓ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ବୁଦ୍ଧିଜୀବୀ ସାକ୍ଷାତ କରି ଆଲୋଚନା କରିଛନ୍ତି । ବହୁ ବର୍ଷ ଧରି ବନ୍ଧ ପୁନଃରୁଦ୍ଧାର କାମ ହେଉନଥିବା ବେଳେ ଅଂଚଳବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ଅସୁବିଧା ହେଉଛି । ବନ୍ଧ ପୁନଃରୁଦ୍ଧାର କାର୍ଯ୍ୟ ହେବା ନେଇ ବହୁ ଦିନରୁ ଶୁଣିବାକୁ ମିଳୁଛି କିନ୍ତୁ ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ । ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଧିକାରୀଙ୍କ ସହ ବହୁ ବିକାଶ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା ସେଥିମଧ୍ୟରୁ ମୁଖ୍ୟତଃ ସହରରେ ଥିବା ସର୍ବପୁରାତନ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ ନେଇ ବିସ୍ତୃତ ଚର୍ଚ୍ଚା ହୋଇଥିଲା । ପୂର୍ବରୁ ଏହା ପାଇଁ ପ୍ରାୟ ୧୭ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ସତ୍ୱେ କେବଳ ପ୍ରାୟ ୪ ଲକ୍ଷ ଟଙ୍କାର କାମ ହୋଇ ଅବଶିଷ୍ଟ କାମ ଅଧାରେ ରହିଯାଇଥିଲା । ଏବେ ପୁନର୍ବାର ବିଜ୍ଞପ୍ତି ଜାରି କରାଯାଇଥିବା ବେଳେ ଆସନ୍ତା କିଛି ମାସ ମଧ୍ୟରେ ବନ୍ଧ ପୁନଃରୁଦ୍ଧାର କାମ ହେବ ବୋଲି ସୂଚନା ମିଳିଛି । ବନ୍ଧ ଛକରେ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ନିମନ୍ତେ ନଳକୂପ ଖନନ, ଟକରା ବିଶୟୀଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ, ହାଇ ମାକ୍ସ ଲାଇଟ୍ ଟ୍ର ମରାମତି ଏବଂ ମିନି ହାଇ ମାଷ୍ଟ ଲାଇଟ୍ ସ୍ଥାପନ,ରେଷ୍ଟ ସେଡ୍ ନିର୍ମାଣ ଓ ଡ୍ରେନେଜ୍ ବ୍ୟବସ୍ଥା ସୁଧାର ପାଇଁ ବୁଦ୍ଧିଜୀବୀ ଦାବି ରଖିଥିଲେ । ଅଧିକାରୀଙ୍କ ସୂଚନା ଅନୁଯାୟୀ, ଜି.ଉଦୟଗିରିର ୩ଟି ୱାର୍ଡରେ ମଶାଣି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି । ସେହିପରି ପୁରାତନ ଟାଉନ ହଲ୍ ଠାରେ ଏକ ନୂତନ ଅଡିଟୋରିୟମ ନିର୍ମାଣ କରାଯିବ । ସହରର ବିଭିନ୍ନ ପାର୍କ ଗୁଡ଼ିକୁ କୁ ସୌନ୍ଦର୍ଯ୍ୟ କରଣ କରାଯିବ । ଏହାସହିତ ସହରର ରାସ୍ତାରେ ବୁଲୁଥିବା ଗାଈମାନଙ୍କ କାରଣରେ ହେଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ଗୋଶାଳା ନିର୍ମାଣ କରାଯିବା ପାଇଁ ପଦକ୍ଷେପ ନିଆଯିବ । ଭେଣ୍ଡିଂ ଜୋନ୍ ଓ ମାଂସ ଦୋକାନ ପାଇଁ ଜାଗା ଦେବାକୁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିବା ଅଧିକାରୀ କହିଛନ୍ତି । ବନ୍ଧ ଛକରେ ଥିବା ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଅଚଳ ଅବସ୍ଥାରେ ଥିବାରୁ ଏହାକୁ ଶୀଘ୍ର ମରାମତି କରିବା ପାଇଁ ପିଏଚଡି ବିଭାଗକୁ ଅବଗତ କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି । ଏହି ସାକ୍ଷାତକାର ସମୟରେ ସତ୍ୟନାରାୟଣ ଗୌଡ଼, ଦିବାକର ସାହୁ, ବିଷ୍ଣୁ ପ୍ରସାଦ ସାହୁ, ଶାନ୍ତନୁ ପ୍ରଧାନ, ମହମ୍ମଦ ଜିହାଉଦ୍ଦିନ, ଉଦେସନ ପ୍ରଧାନ, ମନମୋହନ ପ୍ରଧାନ ଓ ସାମନ୍ତ ଶେଖର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ନୂଆପଡାରେ ଅବକାରୀ ବିଭାଗର ସମୀକ୍ଷା ବୈଠକ

ନୂଆପଡା, ୧୦/୪ (ଆ.ପ୍ର) : ନୂଆପଡା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅବକାରୀ ବିଭାଗର କାର୍ଯ୍ୟାବଳୀ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ନିର୍ଦ୍ଧାରିତ ୩୦,୧୧,୦୦,୦୦୦ ଟଙ୍କା ରାଜସ୍ୱ ଲକ୍ଷ୍ୟ ବିପରୀତ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୬,୩୦,୯୬,୯୧୧ ଟଙ୍କା ଆଦାୟ ହୋଇ ୮୭.୩୭ ପ୍ରତିଶତ ସଫଳତା ହାସଲ ହୋଇଥିବା ଜଣାପଡିଛି । ବିଶେଷ କରି ମାର୍ଚ୍ଚ ମାସରେ ୮,୮୦,୭୯,୭୫୬ ଟଙ୍କା ଆଦାୟ ହୋଇଥିବା ସହ ପୂର୍ବବର୍ଷ ତୁଳନାରେ ୨.୭୩ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି । ଅବକାରୀ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ଗତି ଆସିଥିବା ଦେଖାଯାଉଛି । ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୧୯୪୨ଟି ମାମଲା ଚିହ୍ନଟ ହୋଇଥିବାବେଳେ ୧୨୦୩ ଜଣଙ୍କୁ ଗିରଫ କରାଯାଇଛି ଏବଂ ୧୦୯୦ ଜଣଙ୍କୁ ଆଦାଲତକୁ ପ୍ରେରଣ କରାଯାଇଛି । ଏହା ସହ ୧୧୫୬ଟି ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଏନ୍‌ପିଡିଏସ୍ ମାମଲାମାନେ ମଧ୍ୟ ଚିହ୍ନଟ ହୋଇଛି । ଏହି ସମୟସୀମାରେ ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ (IMFL), ବିଅର, ମହୁଲ ଫୁଲ, ଗଞ୍ଜେଇ, କଫ୍ ସିରପ ଓ ଅନ୍ୟାନ୍ୟ ଅବୈଧ ଦ୍ରବ୍ୟ ଜବତ ହୋଇଥିବା ବିବରଣୀ ବୈଠକରେ ପ୍ରସ୍ତୁତ କରାଯାଇଥିଲା । ଜିଲ୍ଲାପାଳ ଅବୈଧ ମଦ ବିକ୍ରି ଓ ଚୋରା ଚାଲାନକୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ସହ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ପାଇଁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀମତୀ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ଶ୍ରୀମତୀ ହୀରାବତୀ ଆଚି, ଶ୍ରୀମତୀ ବୃନ୍ଦାବତୀ ଭୁଆ, ଏ.ଏସ୍.ଆଇ. ବଳଭଦ୍ର ରାଉତ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅଟୋ ଓଲଟି ୭ ଦଣ୍ଡୁଆ ଆହତ, ୩ ଗୁରୁତର, ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର

ଖଣ୍ଡପଡ଼ା, ୧୦/୪ (ଆ.ପ୍ର) : ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ଅଧୀନ ବଡସହରା ପଂଚାୟତ ପାଟଣା ଜାମୁସାହି ଗ୍ରାମରୁ ମାନସିକଧାରୀ ଦଣ୍ଡୁଆ ମାନଙ୍କୁ ନେଇ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ଉକ୍ତ ଅଟୋରେ ଯାତ୍ରା କରୁଥିବା ୭ ଜଣ ଦଣ୍ଡୁଆ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାଯାଇଛି ।ଆଶୁ ଚିକିତ୍ସା ନିମନ୍ତେ ଗୁରୁତର ୩ ଜଣଙ୍କୁ ଖୋର୍ଦ୍ଧା, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ ପାଟଣା ଜାମୁସାହି ଗ୍ରାମରୁ ଏକ ଅଟୋ ଯୋଗେ ଦଣ୍ଡୁଆ ମାନେ ଫତେଗଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରକୁ ଦର୍ଶନ ନିମନ୍ତେ ଶୁକ୍ରବାର ଦିବା ୧୦ ଟା ସମୟରେ ଯାଇଥିଲେ । ସେଠାରୁ ବିଗ୍ରହଙ୍କୁ ଦର୍ଶନ କରି ଫେରୁଥିବା ବେଳେ ମନ୍ଦିର ଘାଟି ରାସ୍ତାରେ ଅଟୋଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା କଡକୁ ଓଲଟି ପଡିବାରୁ ଅଟୋରେ ଯାତ୍ରା କରୁଥିବା ଜାମୁସାହି ଗ୍ରାମର ଫକୀର ବେହେରା (୬୨), ବସନ୍ତ କୁମାର ନାୟକ(୫୫), ଆଲୋକ କୁମାର ପ୍ରଧାନ(୪୦), ଗୁରୁତର ଆହତ ହୋଇଥିବା ବେଳେ ସନ୍ତୋଷ କୁମାର ବେହେରା (୪୩), କାବୁଲି କୁମାର ସାହୁ (୪୮) ଅଯୋଧ୍ୟା ପଲେଇ (୬୦), ଗୋପାଳ ବେହେରା (୬୪) ପ୍ରମୁଖ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି । ଅଟୋ ଚାଳକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ସାମାନ୍ୟ ଆହତ ହୋଇଥିବା ଦଣ୍ଡୁଆ ମାନଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଥିବା ଜଣାଯାଇଛି । ଦୁର୍ଘଟଣାଗ୍ରସ୍ତ ଅଟୋଟିକୁ ପୁଲିସ ଜବତ କରିଥିବା ବେଳେ ଏ ସଂପର୍କରେ ଫତେଗଡ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

ସେଇଠୁ ଆରମ୍ଭ
SEITHO ARAMBHA

ଶନିବାର, ୧୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

32001/40/2627

GOVERNMENT OF ODISHA
DEPARTMENTOF WATER RESOURCES
Office of the Executive Engineer,
Mechanical Division, Laxmiposi.
Email Address: eemdlaxmiposi@gmail.com
e-Procurement Notice- Bid Identification No.- EE/MDL-01/2026-27

1.	Name of the Work	: Mechanical Gate Works
2.	No. of Works	: 04 (Four)
3.	Category of executors	: SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4.	Bid Identification No.	: **EE/MDL-01/2026-27**
5.	Estimated Cost	: **Rs.6,91,277.00 to Rs.9,93,904.00**
6.	Period of Completion	: 01 (One) calendar month. From Dt. 15/04/2026 (10:00 AM) to Dt. 22/04/2026 (5:00 PM)
7.	Date & time of availability of bid documents in the Portal	
8.	Last date/ time for receipt of bid in the Portal	: Dt.22.04.2026 (up to 5.00 PM)
9.	Date and Place of opening of online bids	: Dt.23.04.2026 (11:00 AM onwards in the O/o the undersigned)
10.	Name of the Officer inviting bid	: Executive Engineer, Mechanical Division, Laxmiposi

Further details can be seen from the e-procurement portal https://tendersodisha.gov.in

Sd/-
Executive Engineer
Mechanical Division, Laxmiposi

OIPR - 32001/32552/1/26-27/0001

ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପିଟିଆର କ୍ଷମତା ବୃଦ୍ଧି କଲା ଟିପିଏନଓଡିଏଲ
ଉପକୃତ ହେବେ ୨୭ହଜାରରୁ ଊର୍ଦ୍ଧ୍ୱ ପରିବାର

ବାଲେଶ୍ୱର, ୧୦/୦୪(ଆ.ପ୍ର) : ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଟିପିଏନଓଡ଼ିଏଲର ମୌଳିକ ଲକ୍ଷ୍ୟ ଥିବାବେଳେ ଭିତିଭୂମି ସୁଦୃଢ କ୍ଷେତ୍ରରେ ସଂସ୍ଥା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଉପଭୋକ୍ତାଙ୍କ ଆବଶ୍ୟକତାକୁ ଉପଲବ୍ଧି କରି କେତକ ବିତରଣ ଟ୍ରାନ୍ସଫର୍ମର(ଡ଼ିଟିଆର) କ୍ଷମତା ବୃଦ୍ଧି କରାଯାଉନି, ଅଗ୍ରାଧିକାର ଭିତିରେ ପିଏସଏସଗୁଡ଼ିକରେ ଥିବା ପ୍ରାଥମିକ ଟ୍ରାନ୍ସଫର୍ମର(ପିଟିଆର)ର କ୍ଷମତା ମଧ୍ୟ ବଢ଼ୁଛି । ଟିପିଏନଓଡ଼ିଏଲ ପକ୍ଷରୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ନୀଳଗିରି, ବସୁଦେବପୁର ଏବଂ ଗମ୍ଭାରିଆ ଅଂଚଳରେ ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ୩୨ଏମଭିଏର ପିଟିଆର କ୍ଷମତା ବୃଦ୍ଧି କରାଯାଇଛି । ୨୭ ହଜାରରୁ ଅଧିକ ପରିବାର ଏହି ପଦକ୍ଷେପ ଦ୍ୱାରା ଉପକୃତ ହେବାକୁ ଥିବାବେଳେ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ । ବିଶେଷତଃ ଗ୍ରୀଷ୍ମରେ ବିଦ୍ୟୁତ ବିଭ୍ରାଟ ଓ ଲୋ-ଭୋଲଟେଜ ଆଦି ସମସ୍ୟାର ମଧ୍ୟ ସମାଧାନ ହେବ । ସୂଚନା ମୁତାବକ ବାଲେଶ୍ୱରର ନୀଳଗିରି ଓ ଭଦ୍ରକର ବାସୁଦେବପୁର ପିଏସଏସ କ୍ଷମତା ୫ ଏମଭିଏରୁ ୮ ଏମଭିଏକୁ ବୃଦ୍ଧି କରାଯାଇଥିବାବେଳେ କେନ୍ଦୁଝରର ଗମ୍ଭାରିଆ ପିଏସଏସ କ୍ଷମତା ୮ ରୁ ୧୬ ଏମଭିଏକୁ ବୃଦ୍ଧି କରାଯାଇଛି । ନୀଳଗିରି ଅଂଚଳର ୫ହଜାରରୁ ଅଧିକ ପରିବାର ଏହା ଦ୍ୱାରା ଉପକୃତ ହେବାକୁ ଥିବାବେଳେ କେନ୍ଦୁଝର ଡିଭିଜନର କେନ୍ଦୁଝର ଟାଉନ ଓ ଆଖପାଖ ଅଂଚଳର ପ୍ରାୟ ୧୨ହଜାର ପରିବାର ଏବଂ ବାସୁଦେବପୁର ଅଂଚଳର ୧୧ ହଜାର ପରିବାର ଗମ୍ଭାରିଆ ପିଏସଏସ ଦ୍ୱାରା ଉପକୃତ ହେବେ । ଅପରପକ୍ଷେ ଟିପିଏନଓଡିଏଲ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିଛି । ଗ୍ରୀଷ୍ମ ଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ଆକଳନ କରାଯାଇଥିବାରୁ ଶୀର୍ଷ ବିଜୁଳି ଚାହିଦା ମେଂଟାଇବା ଲାଗି ଟିପିଏନଓଡିଏଲ ପକ୍ଷରୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେବାକୁ ଟିପିଏନଓଡ଼ିଏଲ ଉପଭୋକ୍ତାଙ୍କୁ ପରାମର୍ଶ ଦେଉଛି । ଝଡ ତୋଫାନରେ କୌଣସି ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡିଥିଲେ ଅବା ବିତରଣ ନେଟୱାର୍କରେ ତ୍ରୁଟି ଦେଖିଲେ ନିଜେ ମରାମତି କରିବାର ଦୁଃସାହସ ନ କରି ବିଦ୍ୟୁତ ବିଭାଗ ଅଫିସ କିମ୍ବା ନିଃଶୁଳ୍କ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବାକୁ ଟିପିଏନଓଡ଼ିଏଲ ଦର୍ଶାଇଛି ।

'ଆମେ ଜାଣିବା ଆମ ବଜେଟ ୨୦୨୬' କାର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର, ୧୦/୦୪(ଆ.ପ୍ର) : ଆଜି ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ହଲ ଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ଆମେ ଜାଣିବା ଆମ ବଜେଟ ୨୦୨୬' ଉପରେ ଏକ କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହା ଓଡ଼ିଶା ସରକାରଙ୍କ ବାର୍ଷିକ-ବଜେଟ, ୨୦୨୬-୨୭ ନିମନ୍ତେ ସଚେତନତା କାର୍ମଶାଳା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର କମିଶନର ଭୂପେନ୍ଦ୍ର ସିଂ ପୁନିଆ ଓ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟିକା, ବସ୍ତା, ସୁବାସିନୀ ଜେନା ଯୋଗ ଦେଇଥିଲେ । ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଳବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶୁଭଶ୍ରୀ ରଥ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ ଓ ଡେପୁଟି ଡାଇରେକ୍ଟର ପ୍ଲାନିଂ, ହେମନ୍ତ କୁମାର ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି । ବାର୍ଷିକ ବଜେଟ, ୨୦୨୬-୨୭ ପାଇଁ ଶିକ୍ଷା କ୍ଷେତ୍ରରେ ୪୨,୫୬୫ କୋଟି ଟଙ୍କା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୨୩,୧୮୨ କୋଟି ଟଙ୍କା, ସାମାଜିକ ସୁରକ୍ଷା କ୍ଷେତ୍ରରେ ୨୫,୨୦୮ କୋଟି ଟଙ୍କା, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୪୨,୪୯୨ କୋଟି ଟଙ୍କା, ଗ୍ରାମୀଣ ବିକାଶ କ୍ଷେତ୍ରରେ ୪୪,୩୦୯ କୋଟି ଟଙ୍କା, ନଗର ଉନ୍ନୟନ କ୍ଷେତ୍ରରେ ୧୦,୭୩୮ କୋଟି ଟଙ୍କା, ମହିଳା ସଶକ୍ତିକରଣ କ୍ଷେତ୍ରରେ ୧୮,୯୫୭ କୋଟି ଟଙ୍କା, କ୍ରୀଡା କ୍ଷେତ୍ରରେ ୧,୪୦୦ କୋଟି ଟଙ୍କାର ବଜେଟ ଅଟକଳ ହୋଇଥିବା ବେଳେ ଆହୁରି ଅନେକ ଦିଗ ଉପରେ ଧ୍ୟାନ ରଖାଯାଇଛି । ଏଠାରେ ସରକାରୀ ଓ ଶିଳ୍ପ ସଂସ୍ଥାର ଅଧିକାରୀ ମାନେ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତା ମାନେ ଏବଂ ବୁଦ୍ଧିଜୀବୀ ଗଣ ଏହି ବଜେଟ ଉପରେ ନିଜର ମତାମତ ରଖିବା ସହିତ ବାଲେଶ୍ୱର ଜିଲ୍ଲାର ଉନ୍ନତି ପାଇଁ ବଜେଟ ରେ ସ୍ଥାନ ଦେବା ପାଇଁ ସବିବଙ୍କୁ ପରାମର୍ଶ ଦେଇଥିଲେ ।

ଓଡ଼ିଆ ପକ୍ଷ ୨୦୨୬ ଅବସରରେ ପାଳିତ ହେଲା ଲୋକକଳା ପାଇଁ ଦିନଟିଏ



ବାଲେଶ୍ୱର, ୧୦/୦୪(ଆ.ପ୍ର) : ଆଜି ହେଉଛି ଓଡ଼ିଆ ପକ୍ଷ ୨୦୨୬ର ଦଶମ ଦିବସ । ଏହି ଅବସରରେ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ, ବାଲେଶ୍ୱର ସଦରଙ୍କ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ପ୍ରାଙ୍ଗଣରେ "ଲୋକକଳା ପାଇଁ ଦିନଟିଏ" ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ମହାସମାରୋହରେ ପାଳିତ ହୋଇଯାଇଅଛି । ସର୍ବ ପ୍ରଥମେ ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ସମୂହ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ପଂଚାୟତ ସମିତି ଅଧ୍ୟକ୍ଷା ସୁନିତା ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବିଧାୟକ ସଦରଙ୍କ ପ୍ରତିନିଧି ହରେନ୍ଦ୍ର କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତମ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ମଲ୍ଲିକ ଯୋଗଦାନ କରି ଲୋକକଳା ଦିବସ ସମ୍ବନ୍ଧରେ ଆଲୋକପାତ କରିବା ସହିତ ହଜିଯାଉଥିବା ଲୋକକଳାକୁ ବଂଚାଇ ରଖିବା ପାଇଁ କଳାକାର ମାନଙ୍କୁ ଅନୁପ୍ରାଣିତ କରିଥିଲେ । ଏହା ପରେ ଅତିଥି ମାନେ ସଦର ବ୍ଲକ ଅଂଚଳର ୨୫ ଜଣ ପ୍ରମୁଖ ଲୋକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ସ୍ଥାନୀୟ ଲୋକକଳା ଅନୁଷ୍ଠାନ ଶୀତଳା ମାତା ସଂକୀର୍ତନ ଦଳ, ବାବା ଭଲେଶ୍ୱର ପାଲା ପରିଷଦ, ମା' ବାସନ୍ତୀ ଚଢ଼େୟା ନାଟର କଳାକାର ମାନଙ୍କ ଦ୍ୱାରା ସଂକୀର୍ତନ, ପାଲା ଓ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଦର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ମଧୁଛନ୍ଦା ଗିରି ପରିଚାଳନା କରିଥିଲେ ।

ଶିକ୍ଷା ସୁରକ୍ଷା ମଂଚ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ

ବାଲେଶ୍ୱର, ୧୦/୦୪(ଆ.ପ୍ର) : ଆଜି ଶିକ୍ଷା ସୁରକ୍ଷା ମଂଚ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚାରି ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ତାଙ୍କ ସହ ସେ ସମ୍ବନ୍ଧରେ ଆଲୋଚନା କରା ଯାଇ ଅଛି । ଅନୁପାତୀଭିତିକ ଶିକ୍ଷକ ଏବଂ ଛାତ୍ରଙ୍କ ସମନ୍ୱୟ ରଖାଇ ଏକ ଶୈକ୍ଷିକ ପରିବେଶ ସୃଷ୍ଟି । ଦୀର୍ଘ ଦିନ ଧରି ଏକ ସ୍କୁଲରେ ରହି ପାଠ ନ ପଢାଇ ନିଜ ପତିଆରା ଦେଖାଉଥିବା ଶିକ୍ଷକ / ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରି ବଦଳି କରିବା ସହ ସରକାରଙ୍କ ମାର୍ଗଦର୍ଶିକାକୁ ପାଳନ କରିବା । ଶିକ୍ଷକ / ଶିକ୍ଷୟତ୍ରୀଙ୍କ ପାରଦର୍ଶିତାକୁ ଅନୁଧ୍ୟାନ କରି ସେମାନଙ୍କୁ ତାଗିଦ କରିବା ଏବଂ ଶେଷରେ ସମସ୍ତ ସ୍କୁଲକୁ ଶିକ୍ଷା ଅଧିକାରୀ ଅଚାନକ ଯାଞ୍ଚ କରି ଶିକ୍ଷାକୁ ନୂଆ ଜୀବନ ଦେବା ପାଇଁ ଅନୁରୋଧ କରାଯାଇ ଅଛି । ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗର ବହୁ ତ୍ରୁଟି ବହୁ ବର୍ଷ ଧରି ଥିବା ମାନିବା ଏବଂ ସେ ମାତ୍ର ୮ ମାସ ହେବ ବଦଳି ହୋଇ ଆସି ଥିବାରୁ ସବୁ ସମସ୍ୟା ସମାଧାନ ପାଇଁ ସମୟ ଆବଶ୍ୟକ କଥା କହିଥିଲେ । ଉକ୍ତ ଆଲୋଚନାରେ ଆବାହକ ରଘୁନାଥ ଲେଙ୍କା, ଦେବାଶିଷ ସିଂହ, ପ୍ରତିମା ପଣ୍ଡାଙ୍କ ବ୍ୟତୀତ ପ୍ରସନ୍ନ କୁମାର ପାତ୍ର, ଜ୍ୟୋତ୍ସ୍ନା ସେନାପତି, ଇକବାଲ ଖାଁ, ପୂର୍ଣ୍ଣ ପଣ୍ଡା, ସନ୍ତୋଷ ସିଂହ, ତାପସ ମହାପାତ୍ର, ମିନତୀ ସେଠୀ, ଅର୍ପିତା ରାଉତ, ପରମେଶ୍ୱର ମହାନ୍ତି, ରାଜେନ୍ଦ୍ର ଭୂଷଣ ଦାସ, ସତ୍ୟେନ୍ଦ୍ର ଦାସ, ମନୋରଞ୍ଜନ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ଗୋପାଳ ଜେନା, ଅନ୍ତର୍ଯ୍ୟାମୀ ପ୍ରଧାନ, ସେକ ଅଜଗର ଅଲ୍ଲୀ, ସେକ ହସେନ ପ୍ରଭୃତି ଉପସ୍ଥିତ ଥିଲେ ।

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସାକ୍ଷାତ କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବାଲେଶ୍ୱର, ୧୦/୦୪(ଆ.ପ୍ର) : ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭାରତର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଜୀଙ୍କୁ ସାକ୍ଷାତ୍ କରି ବାଲେଶ୍ୱର ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଲମ୍ବା ଆଲୋଚନା କରିବା ସହ ପତ୍ର ପ୍ରଦାନ କରିଛନ୍ତି । ବାଲେଶ୍ୱରରେ ଏକ କ୍ୟାନ୍ସର ହସ୍ପିଟାଲ୍ ସ୍ଥାପନ, CGHS Wellness ସେଂଟର ସ୍ଥାପନ ଏବଂ ପୂର୍ବରୁ ସ୍ଥାପିତ ହୋଇଥିବା କିନ୍ତୁ ଏପର୍ଯ୍ୟନ୍ତ ପୂର୍ଣ୍ଣରୂପେ କାର୍ଯ୍ୟରତ ନହୋଇଥିବା ବାଲେଶ୍ୱର AIIMS ସ୍ୟାଟେଲାଇଟ୍ ସେଂଟରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା । ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି, ବାଲେଶ୍ୱରର AIIMS ସ୍ୟାଟେଲାଇଟ୍ ସେଂଟରକୁ ଆଉ କୌଣସି ବିଳମ୍ବ ନକରି ସଂପୂର୍ଣ୍ଣ ଭାବେ ଚାଲୁ କରିବା ପାଇଁ ସେ ତାଙ୍କୁ ନିବେଦନ କରିଛି । ଏବଂ ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

ଗାଡି ଭିତରେ ଲୁହା ପ୍ଲେଟ ପଡି ଦୁଇ ଜଣଙ୍କ ମୃତ୍ୟୁ, ଜଣେ ଆହତ

ସିମୁଳିଆ, ୧୦/୦୪(ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ନିକଟରେ ଦୁର୍ଘଟଣାରେ ମାଆ ଓ ପୁଅ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ମହିଳା ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନାରୁ ପ୍ରକାଶ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ବିଜୟ ସୋରେନଙ୍କ ପରିବାର ଲୋକ ପାରାଦୀପକୁ କାମ କରିବା ପାଇଁ ଯାଇଥିଲେ । ସେମାନେ ଚଣ୍ଡୀଖୋଲରୁ ଏକ ଆଇଚର ଯୋଗେ ୭ଜଣ ତଳାରେ ବସି ଘରକୁ ଫେରୁଥିଲେ । ମାତ୍ର ସିମୁଳିଆ ଥାନା ୧୬ନଂ ଜାତୀୟ ରାଜପଥ ଉପରେ ଥିବା ହମ୍ପରେ ଆଇଚରଟି ବ୍ରେକ ମାରିଦେବାରୁ ଆଇଚର ଭିତରେ ଭର୍ତି ଥିବା ଲୁହା ପ୍ଲେଟ ଖସି ମାଆ ଓ ପୁଅ ଉପରେ ବାଜି ଯାଇଥିଲା । ଯାହା ଫଳରେ ଘଟଣା ସ୍ଥଳରେ ୭ଜଣଙ୍କ ମଧ୍ୟରୁ ମାଆ ସୋମବାରୀ ସୋରେନ(୨୬)ବର୍ଷ ଓ ପୁଅ ସୌରଭ (୫)ବର୍ଷଙ୍କର ଘଟଣା ସ୍ଥଳରେ ମୃତ୍ୟୁ ବରଣ ହୋଇଥିବା ବେଳେ ଗୌରୀ ହେମ୍ବ୍ରମ ଆହତ ହୋଇଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା କାରିଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଭର୍ତି କରିଥିବା ଜଣାପଡିଛି । ଅନ୍ୟ ଚାରିଜଣ ସୁସ୍ଥ ଥିବା ଜଣା ପଡିଛି । ଆଇଚର ଗାଡି ଚାଳକକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାଯାଇଛି ।

୧୬୦ ଗ୍ରାମ ବ୍ରାଇନସୁଗାର ଜବତ ଗୋଟିଏ ମଟରସାଇକେଲ ସହିତ ୨ ଗିରଫ



ଭୋଗରାଇ, ୧୦/୦୪(ଆ.ପ୍ର) : ବାଲେଶ୍ୱର ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ଶଶୀକାନ୍ତ ଦତଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଉଦୟପୁର ଓ ତାଳସାରି ବେଳାଭୂମିରେ ବ୍ରାଉନସୁଗାର ବିକ୍ରି ବେଳେ ଗୋପନୀୟ ସୂତ୍ରରୁ ଖବରପାଇ ଭୋଗରାଇ ଅବକାରୀ ଥାନା ଓ ଜଳେଶ୍ୱର ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ୧୬୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛନ୍ତି । ଯାହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ହେବ ବୋଲି ଅବକାରୀ ଥାନା ପକ୍ଷରୁ ସୂଚନା ଦେଇଛନ୍ତି । ଗିରଫ ହୋଇଥିବା ଯୁବକ ହେଲେ ଗୋପୀନାଥପୁର ଗ୍ରାମର କାହ୍ନୁ ଗୋପାଳ ଦାସ ଅଧିକାରୀ(୨୯) ପାଖରୁ ୭୦ ଗ୍ରାମ ଓ କୁମ୍ଭାରମୂଳୀ ଗ୍ରାମର ମାନସ କୁମାର ଦେ(୨୩) ପାଖରୁ ୯୦ ଗ୍ରାମ ସହିତ ଗୋଟିଏ ମଟରସାଇକେଲ ଜବତ ହୋଇଛି । ଏନେଇ ଭୋଗରାଇ ଅବକାରୀ ଥାନାରେ ୫/୨୬-୨୭ ଓ ଜଳେଶ୍ୱର ଅବକାରୀ ଥାନାରେ ୩/୨୬-୨୭ରେ ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ କୁମାର ମାଝୀ, ଜଳେଶ୍ୱର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦେବେନ୍ଦ୍ର କୁମାର ବେହେରା, ଏଏସଆଇ ଶ୍ରୀଧର ସିଂ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବହ୍ନିଜିତ୍ ଦାସ ସହିତ ଅନ୍ୟ ମାନେ ସାମିଲ ଥିଲେ ।

ଅନୁଷ୍ଠିତ ହେଲା ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା ସମାରୋହ

ବାଲେଶ୍ୱର, ୧୦/୦୪(ଆ.ପ୍ର) : ନିଜ ଭିତରେ 'ମୁଁ'କୁ ଆବିଷ୍କାର କରିବା ହେଉଛି ଅସ୍ମିତା । ଉତରପିଢ଼ି ସ୍ୱାର୍ଥ, ପଦଲେହନ ନୀତି ତ୍ୟାଗ କରି ନିଜକୁ ଭଲ ପାଇଲେ ଜାତିର ବିକାଶ ଓ ସୁସ୍ଥ ସମାଜ ଗଠନ ହୋଇପାରିବ । କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କକ୍ଷରେ ଗୁରୁବାର ୫ମ ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା-୨୬ ଓ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଓ ବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ କଲେଜ ହତାରେ ଥିବା କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୂର୍ତି ଓ ସମଲେଶ୍ୱରୀ ବର୍ଦ୍ଧନଙ୍କ ପୈତୃକ ଘରେ ତାଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଅଧ୍ୟକ୍ଷା ଡକ୍ଟର ଝାନ୍ସୀ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଶିଷ୍ଟ ଶିକ୍ଷାବିତ ତଥା କେକେଏସ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସମଲେଶ୍ୱରୀ ବର୍ଦ୍ଧନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପୈତୃକ ଜମି ଓ କୋଠା କଲେଜ ହଷ୍ଟେଲ ପାଇଁ ଦାନ କରିଥିବାରୁ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଥିଲେ । ଡକ୍ଟର ସଞ୍ଜୀବିତା ଦାସ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ ଡକ୍ଟର ସସ୍ମିତା ସେଠୀ ଓ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ । ଆଇକ୍ୟୁଏସି ସଂଯୋଜକ ଡକ୍ଟର ନାରାୟଣ ସୁରଜିତ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଫେସର ଶ୍ରୀ ସାମଲ 'ଓଡ଼ିଆ ଅସ୍ମିତା ଓ ଉତରପିଢ଼ି'ର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ନିଜକୁ ଚିହ୍ନି 'ମୁଁ'କୁ ଆବିଷ୍କାର କରିବା ହେଉଛି ଅସ୍ମିତା । କବିବର ରାଧାନାଥ ରାୟ 'ଚିଲିକା' ଖଣ୍ଡକାବ୍ୟରେ ଅସ୍ମିତା ଶବ୍ଦର ବ୍ୟବହାର କରିଥିଲେ । ଓଡ଼ିଆ ଜାତି କ'ଣ ତାହା ଆଜି ଓଡ଼ିଆମାନେ ଜାଣୁ ନାହାନ୍ତି । ନିଜକୁ ଚିହ୍ନୁ ନଥିବା; ନିଜର ଗୌରବମୟ ଇତିହାସ ଜାଣିନଥିବା ଆଜିର ଓଡ଼ିଆଙ୍କ ମଧ୍ୟରେ ଅସ୍ମିତା ରକ୍ଷା ଏକ ବିରାଟ ପ୍ରଶ୍ନ ସୃଷ୍ଟି କରୁଛି । ମଧୁବାବୁଙ୍କ ଉକ୍ତିକୁ ଉଦ୍ଧାର କରି ଉତରପିଢ଼ି ସ୍ୱାର୍ଥ ଓ ପଦଲେହନ ନୀତିକୁ ପରିତ୍ୟାଗ କରି 'ମୁଁ' ଭିତରେ ସମାଜ ଓ ଜାତିକୁ ଭଲ ପାଉଥିବା 'ମୁଁ'କୁ ଆବିଷ୍କାର କରିବା ଆଜିର ଉତରପିଢ଼ିର ଦାୟିତ୍ୱ ହେବ ବୋଲି ପ୍ରଫେସର ସାମଲ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀର କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଛାତ୍ରୀ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଡକ୍ଟର ସବିତା ଦାସ ଓ ଅଧ୍ୟାପିକା ମହାଶ୍ୱେତା ପାଣ୍ଡେ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ପୁରାତନ ଅଧ୍ୟକ୍ଷା ରଶ୍ମିରେଖା ପତି ଉପସ୍ଥିତ ଥିଲେ । ଅଧ୍ୟାପକ ରାଜକିଶୋର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ । 'ଓଡ଼ିଆ ପକ୍ଷ' ଅବସରରେ କଲେଜ ଗ୍ରନ୍ଥାଗାର ସମ୍ମୁଖରେ 'ବହିଘର' ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରା ବିଷୟକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ

ନୀଳଗିରି, ୧୦/୦୪(ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ "ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ" ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ବିଶେଷଜ୍ଞଗଣ ଅଂଶଗ୍ରହଣ କରିଥିଲେ ଏବଂ ଦେଶୀୟ ଜ୍ଞାନ ପରମ୍ପରା ପ୍ରତି ବୃଦ୍ଧିଶୀଳ ଆଗ୍ରହକୁ ନିଜର ତର୍କ ଓ ଆଲୋଚନା ମାଧ୍ୟମରେ ଉପସ୍ଥାପିତ କରିଥିଲେ । ନିଜର ଅଧ୍ୟକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୂଲ୍ୟାଧାରିତ ଶିକ୍ଷାର ଆବଶ୍ୟକତା, ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ଜ୍ଞାନ ସୃଷ୍ଟି ଓ ପ୍ରସାରଣରେ ଦେଶୀୟ ଭାଷାମାନଙ୍କର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ, ଯେଉଁଥିରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାନୁକୂଳ ପରିବେଶ ଓ ପ୍ରଶାସନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ ତଥା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଭାରତୀୟ ଜ୍ଞାନ ପରମ୍ପରାକୁ କିପରି ସମନ୍ୱୟ କରାଯାଇପାରେ ସେନେଇ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭିକ ଉଦବୋଧନରେ ବିଭାଗମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ । ଏଥିସହ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ ଓ ଡକ୍ଟର ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଶେଷରେ ଡକ୍ଟର ରଞ୍ଜନ କୁମାର ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ । ଦ୍ୱିତୀୟ ଦିନରେ ପ୍ରାୟୋଗିକ ଅଧିବେଶନ, ଗବେଷଣା ପତ୍ର ପ୍ରସ୍ତୁତି ଓ ଆମନ୍ତ୍ରିତ ଭାଷଣ ଆୟୋଜିତ ହୋଇଥିଲା । ଉପସମାହାର ଅଧିବେଶନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଉଚ୍ଚ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ ତଥା ସମ୍ମିଳନୀ ନିଷ୍କର୍ଷ ବିବରଣୀକୁ ପ୍ରଶଂସା କରିଥିଲେ । ସମ୍ମିଳନୀର ଆୟୋଜନ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ହୋଇଥିଲା, ଯେଉଁଥିରେ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସଂଗଠନ ସଚିବ ଭାବେ କାର୍ଯ୍ୟଭାର ନେଇଥିଲେ ଏବଂ ଡକ୍ଟର ପ୍ରତିମା ପ୍ରଧାନଙ୍କ ସହିତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ମାନେ ବିଶେଷ ସହଯୋଗ କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶନିବାର, ୧୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭୃତ୍ୟଭାବାପନ୍ନ ଶିକ୍ଷା

ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅଭିନ୍ନ ଭାବରେ ସମ୍ପୃକ୍ତ । ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ । ପ୍ରକୃତିରେ ଯାହା କିଛି ହେଉଛି ସେଥିରେ ମନୁଷ୍ୟ ଏକ ପ୍ରକାରର ମଂଚନିର୍ଦ୍ଦେଶକ ପରି । ନିଜର ଦାୟିତ୍ୱକୁ ଭୁଲିଯାଇ ମନୁଷ୍ୟ ନିଜର ଅଧିକାର ପାଇଁ ଲଢ଼ିଛି । ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର କେବଳ କର୍ତ୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା । ଆଜିର ଚିନ୍ତା ଓ ଚେତନାକୁ ଦେଖିଲେ ଜଣାପଡ଼େ ଯେ, ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତ୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସମ୍ମାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କଲେ, କର୍ମକର୍ତ୍ତାମାନେ ସମ୍ମାନ ଲାଭ କରିବେ ।' ଆଜି ଲୋକମାନେ ସେମାନଙ୍କର ଦାୟିତ୍ୱ ଭୁଲି ଯାଉଛନ୍ତି । ଜଗତ ପରସ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ । ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ପ୍ରଜାପିତା ବ୍ରହ୍ମାକୁମାରୀ ଭାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ବିଶେଷକରି ବିଦ୍ୟାର୍ଥୀ ବିଦ୍ୟାର୍ଥିନୀଗଣ ମାନଙ୍କୁ ଆଧ୍ୟାତ୍ମିକ ଉଦ୍‌ବୋଧନରେ ଉଦ୍‌ଘୋଷଣ କରିଛନ୍ତି । ଵଆଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ । ତାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବତା, ସାଧୁତା ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ-ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବହୁ କଳ୍ପନା ଜଳ୍ପନା ହେଉଛି । ଏ ସବୁ ବୃଥା ବ୍ୟାୟାମ । ଆଜି ଆମର କେବଳ ଉତମ ଲୋକ ଦରକାର । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତିକିବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ସୃଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକ ଚେତନା ଉପରେ ଆଧାରିତ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକତା ଉପରେ ନିର୍ଭରଶୀଳ । ଆଧ୍ୟାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉଜ୍ଜ୍ୱଳତର ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରେ ।' ମନୁଷ୍ୟ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନ ଯାପନ କରୁଛି । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗିତ ହେବା ଉଚିତ । ଛାତ୍ରପାରେ ଉତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିରାପତା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବ । ଅତଏବ ମନୁଷ୍ୟକୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକ ବିଶ୍ୱାସ କରିବା ଉଚିତ । 'ହସ୍ତସ୍ୟ ଭୂଷଣଂ ଦାନଂ ସତ୍ୟ କଣ୍ଠସ୍ୟ ଭୂଷଣମ୍ । ଶ୍ରୋତ୍ରସ୍ୟ ଭୂଷଣଂ ଶାସ୍ତ୍ରଂ ଭୂଷଣୈଃ କିଂ ପ୍ରୟୋଜନମ୍ ।' କେବଳ ବିଦ୍ୟାରେ କୌଣସି ଫଳ ନାହିଁ । ରାବଣ ରାମଙ୍କ ପରି ବହୁ ବିଦ୍ୟା ଅଧ୍ୟୟନ କରିଥିଲା ।

ସୁଖଶାନ୍ତି ଆନନ୍ଦର ମହୌଷଧି : ସ୍ୱସ୍ତ୍ୟୟନୀ ବ୍ରତ

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

'ସାଧକ ଭୁଲିଲେ ସାଧନାର ପଥ ନନ୍ଦିଘୋଷ ଯିବ ଥକି, ଜ୍ଞାନି ନ ସ୍ମରିଲେ ଶିଷ୍ଟାଚାର ବିଧି ଲୁପ୍ତ ହେବ ଦେଶ ଜାତି' - ପରମ ପୁରୁଷ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଶିଷ୍ଟାଚାର ଓ ସାଧକ ମାନଙ୍କୁ ମାର୍ଗଦର୍ଶନ କରି ଦେଶ ଜାତି ପାଇଁ ତାଙ୍କ ସମ୍ଭାଷଣରେ ଜଣାଇଛନ୍ତି ସାଧନା ହେଉଛି ଦୀକ୍ଷା ଗ୍ରହଣ ଦ୍ୱାରା କଳ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁରଙ୍କୁ ନିଜ ପରମ ପୁରୁଷ ଇଷ୍ଟରୂପେ ଜୀବନଚର୍ଯ୍ୟାରେ ଗ୍ରହଣ କରି ଯଜନ, ଯାଜନ ଓ ଇଷ୍ଟଭୃତି ପରାୟଣ ହେବା । ଏହି ସାଧନ ଶକ୍ତିର ସଫଳତା ନିର୍ଭର କରେ କୃପାଭିକ୍ଷୁ ମାନଙ୍କ ଇଷ୍ଟଭୃତିର ପରମ ଆଦର୍ଶ ସହିତ । ପ୍ରତ୍ୟେକ ସତ୍‌ସଙ୍ଗରେ ନାମ, ଧ୍ୟାନ, ପ୍ରାର୍ଥନା, ସତ୍‌ସଙ୍ଗ, ଆନନ୍ଦ ବଜାର ସହ ଯଜନ, ଯାଜନ ଓ ଇଷ୍ଟଭୃତି ଅତ୍ୟନ୍ତ ପ୍ରୟୋଜନୀୟ । ଏହା କାଳ କାଳ ପାଇଁ ସତ୍ୟ ସ୍ୱସ୍ତ୍ୟୟନୀ ବ୍ରତ ଧାରୀ ବାସ୍ତବ ସାଧନ ଜୀବନ ଯାପନ କରୁଥିବା ଓ ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ପାଳନ କରୁଥିବା ବ୍ୟକ୍ତି ଯେ କୌଣସି ତଥା କଥିତ ସାଧକଙ୍କ ଠାରୁ ଉଚ୍ଚତର ତଥା ଉନ୍ନତ ଜୀବନର ଅଧିକାରୀ ହୋଇ ଉଠନ୍ତି ।

ପାଂଚଟି ନୀତିର ଆଧାରରେ ସ୍ୱସ୍ତ୍ୟୟନୀ ବ୍ରତର ସଂକଳ୍ପ ରହିଛି । ତେଲ ଲୁଣ ସଂସାର ଭିତରେ ଜୀବନ ତମାମ ଏହି ବ୍ରତକୁ ନିଜ ଜୀବନର ଧର୍ମ, କର୍ମ ଭାବି ନିର୍ବାହ କଲେ ସମସ୍ତ ପ୍ରକାର ଉନ୍ନତିର ପଥ ଉନ୍ମୁକ୍ତ ହୋଇଥାଏ । ଏହି ଶ୍ରେଷ୍ଠ ବ୍ରତ ପାଳନ ଦ୍ୱାରା ଜଣଙ୍କର କେବଳ ମୁକ୍ତି ସମ୍ଭବ ତାହା ନୁହେଁ ବରଂ ପରିବାର, ସମାଜ ଓ ସମଷ୍ଟି ତଥା ରାଷ୍ଟ୍ରର ମୁକ୍ତି ମଧ୍ୟ ସୁନିଶ୍ଚିତ । ଯୁଗସ୍ରଷ୍ଟା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱସ୍ତ୍ୟୟନୀ ବ୍ରତ ଦୁଇଟି ଶବ୍ଦକୁ ନେଇ ତିଆରି ହୋଇଛି । ପ୍ରଥମଟି ହେଉଛି 'ସ୍ୱସ୍ତ୍ୟୟନୀ' ଓ 'ବ୍ରତ' ଯାହାର ଭାବାର୍ଥ ହେଉଛି (ସୁ+ଅସ୍ତି+ଅୟନ) ଅର୍ଥାତ୍ ଯଥାର୍ଥ ଭାବେ ବଂଚି ରହିବାର ଦିବ୍ୟ ପଥ । ଅର୍ଥାତ୍ ଆମ ଜୀବନର 'ସ୍ୱସ୍ତି' ବା ଶାନ୍ତି ଆସିଥାଏ । ସ୍ୱସ୍ତ୍ୟୟନୀ ବ୍ରତ, ବ୍ରତଚାରୀଙ୍କୁ ତାର ସମସ୍ତ ବିପଦକୁ ନଷ୍ଟ କରିବା ସହ ସାମଗ୍ରୀକ ଭାବେ ତାଙ୍କୁ ଉନ୍ନତି ପଥର ରାସ୍ତା ଦେଖାଇବା । ଯଥାର୍ଥରେ ଆଲୋଚନା ପ୍ରସଙ୍ଗର ପ୍ରଥମ ଭାଗରେ ଲିଖିତ ଅଛି 'ସ୍ୱସ୍ତ୍ୟୟନୀ ପାଳେନା, ଉନ୍ନତିତେ, ଚଳେନା' । 'ସ୍ୱସ୍ତ୍ୟୟନୀ ମୁକ୍ତି ଆଣେ, ରାଷ୍ଟ୍ର ସହ ପ୍ରତି ପ୍ରାଣେ' । ସ୍ୱସ୍ତ୍ୟୟନୀ ହେଉଛି ଜଣଙ୍କର ଦାରିଦ୍ର୍ୟ ବ୍ୟାଧିର ମହୌଷଧି । ସର୍ବୋପରି ଦେଶ ଓ ଜାତି ପକ୍ଷରେ ଏହା ଏକ ମହାନ ଅବଦାନସ୍ୱରୂପ । ଅନୁଶ୍ରୁତୀ ପ୍ରଥମ ଖଣ୍ଡରେ ଉଲ୍ଲେଖ ଅଛି 'ଦାରିଦ୍ର୍ୟ ବ୍ୟାଧି କରତେରେ ଦୂର, ସ୍ୱସ୍ତ୍ୟୟନୀର ଅସ୍ତ୍ର ଜାତିର ଆଘାତ ଅପନୋଦନେ ଏଁଟିଇ ମହାଅସ୍ତ୍ର' । 'ଦାରିଦ୍ର୍ୟ ଆର୍ ଦୁର୍ବିପାକେ ଯତଇ ନା ହୋକ୍ ଲାଞ୍ଛନା ନିର୍ଘୁଁତ୍ ଭାବେ କରତେ ଥାକ୍ ତୁଇ, ସ୍ୱସ୍ତ୍ୟୟନୀର ସାଧନା, ଆପଦ ବିପଦ ଗଲେ ଗିୟେ, ଦେଖ୍‌ବେ ସୁଫଳ ଆନ୍‌ବେ ଡାକି, ପରାକ୍ରମଟି ଫୁଟବେ ଉଠେ, ସୁସମ୍ଭାର ସକଳ ଡାକି ।'

୧୯୩୭ ମସିହାରେ ଅବତାର ପୁରୁଷ କଳ୍କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସର୍ବପ୍ରଥମେ ମଣିଷ ସମାଜର ମଙ୍ଗଳ ସାଧନ ପାଇଁ ପାଂଚୋଟି ନୀତିକୁ ନେଇ ସ୍ୱସ୍ତ୍ୟୟନୀ ବ୍ରତ ପ୍ରଦାନ କରିଥିଲେ । ଶ୍ରୀ ଶ୍ରୀ ଠାକୁର ମାର୍ଗଦର୍ଶନରେ କହିଛନ୍ତି 'ଇଷ୍ଟଭୃତି ଜିନିଷଟି ଆଗେଥିଲା, ସ୍ୱସ୍ତ୍ୟୟନୀ ମୁଁ ଠିକ୍ ଠାକ୍ କରି ଦେଇଛି । ସ୍ୱସ୍ତ୍ୟୟନୀର ସ୍ୱରୂପ ଟା ଦେଇଛି, ଏହା ସେ ଦିଗକୁ ନୂତନ । ଆଗେ ଥିଲେ ମଧ୍ୟ ବୁଝା ପଡୁନଥିଲା । ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଯଦି କରାଯାଏ, ତାହେଲେ ଦେଖିବ ଗୋଟିଏ ଦୁଇଟା ପୁରୁଷ ମଧ୍ୟରେ କ'ଣ ହୋଇପାରେ । ଗୋଟିଏ ଦୁଇଟା ପୁରୁଷ ପରେ ବୁଝାଯିବ' । ସ୍ୱସ୍ତ୍ୟୟନୀର ପଂଚଟି ନୀତିରୁ ପ୍ରଥମ ନୀତିଟି ହେଉଛି - ଭଗବାନଙ୍କର ମନ୍ଦିର ହେଉଛି ମଣିଷର ଶରୀର । ନିରାମିଷ ଭକ୍ଷଣ ଏହା ପାଇଁ ସୁଷମ ଓ ଉପାଦେୟ ଖାଦ୍ୟ । ସଂଯତ, ନିର୍ମଳ, ସୁନିୟନ୍ତ୍ରିତ ଓ ଆଧ୍ୟାତ୍ମିକ ଜୀବନ ଯାପନ ପାଇଁ ସଚେତନ ରହି ଆମ୍ଭେମାନେ ସୁଷମ ଖାଦ୍ୟକୁ ବାଛିନେବା ବାଞ୍ଛନୀୟ । ଦ୍ୱିତୀୟଟି ହେଉଛି ଯେଉଁ କାର୍ଯ୍ୟ ହାତକୁ ନେବା ତାହାକୁ ଉପଯୁକ୍ତ ବୋଲି ଚିନ୍ତା କରି ସମସ୍ତ ବାଧାବିଘ୍ନକୁ ସାମ୍ନା କରିବା । ତୃତୀୟଟି ହେଉଛି ଯେତେବେଳେ ସତ୍‌ଚିନ୍ତାଟି ଆମ୍ଭମାନଙ୍କ ମନ ରାଜ୍ୟକୁ ଆସୁଛି ତାହାକୁ ତତ୍‌କ୍ଷଣାତ ଇଷ୍ଟ ସ୍ୱାର୍ଥ ଇଷ୍ଟପ୍ରତିଷ୍ଠା ଦିଗରେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଅବହେଳା ଓ ଦୀର୍ଘସୂତ୍ରୀ ଦ୍ୱାରା ଆମ୍ଭେମାନେ ଏହାକୁ ଉଲଂଘନ କରିଥାଉ । ଚତୁର୍ଥଟି ହେଉଛି କେବଳ ନିଜ ପରିବାର ନୁହେଁ ଆତ୍ମୀୟ ସ୍ୱଜନ, ପଡ଼ୋଶୀ, ବନ୍ଧୁ, ପ୍ରିୟଜନ ଏବଂ ଆମ ଆଖପାଖର ମଣିଷ ମାନଙ୍କୁ ନିଜ ସୀମିତ ସାଧ୍ୟ ଭିତରେ ସହଯୋଗ ଓ ସେବା ଦେବା । ପଂଚମଟି ହେଉଛି ପ୍ରତିଦିନ ଇଷ୍ଟଙ୍କ ଉଦ୍ଦେଶ୍ୟରେ ନିର୍ମଳ ହୃଦୟତା ଓ ଭକ୍ତିପ୍ରେମ ପୂର୍ବକ ନୈବେଦ୍ୟ ଦାନ କରିବା । ଇଷ୍ଟଙ୍କ ଉଦ୍ଦେଶ୍ୟରେ ଏହାକୁ ପ୍ରେରିତ କରିବା । ମାନବ ଦରଦୀ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ବାସ୍ତବରେ ଅତି ମଣିଷ କାଙ୍ଗାଳ ଥିଲେ । ସହଜ ସରଳ ନୀତିବିଧି, ସଂକୀର୍ତ୍ତନର ମହାଆନ୍ଦୋଳନ ଓ ସତ୍‌ସଙ୍ଗ ଦ୍ୱାରା ସେ ମଣିଷ ମାନଙ୍କୁ ଭଲ ମଣିଷରେ ଓ ଭଲ ମଣିଷ ମାନଙ୍କୁ ଅତି ଭଲ ପର୍ଯ୍ୟାୟରେ ପହଂଚାଉଥିଲେ । ସମସ୍ତ ମଣିଷ ସମାଜକୁ ବିଭୁମୁଖୀ କରାଇ ସୁଖଶାନ୍ତି ଆନନ୍ଦର ପରମ ଆସ୍ୱାଦନ ଚଖାଇବାକୁ ସେ ନିରନ୍ତର ଉଦ୍ୟମ ରଖିଥିଲେ । ଭଗବାନ ସୂର୍ଯ୍ୟଦେବଙ୍କର ଯେଉଁପରି ପ୍ରତ୍ୟେକ ଦିନ ପରିକ୍ରମଣ ହେଉଛି ଗୋଟିଏ ଇଲାକାରୁ ଅନ୍ୟ ଏକ ଇଲାକାକୁ ଯାଇଥାନ୍ତି । ଯାହାକୁ ସଂକ୍ରାନ୍ତୀ କୁହାଯାଏ ଠିକ୍ ସେହିପରି ସ୍ୱସ୍ତ୍ୟୟନୀକୁ ନିଷ୍ଠା ଓ ଶ୍ରଦ୍ଧାର ସହିତ ପ୍ରତିଟି ନୀତିବିଧି ସହ ପାଳନ କଲେ ଆମ୍ଭମାନଙ୍କର ଠିକ୍ ସେହିପରି ଭଗବାନ ସୂର୍ଯ୍ୟଦେବଙ୍କ ନିତ୍ୟବ୍ରତ ଅନୁଯାୟୀ ଜୀବନ ଚଳନ କ୍ଷେତ୍ରରେ ଧିରେ ଧିରେ ଏକ ପ୍ରବେଶ ସଂଗଠିତ ହୋଇଥାଏ । ଶ୍ରୀ ଶ୍ରୀ ଠାକୁର କହିଛନ୍ତି 'ଇଷ୍ଟଭୃତି ଦୀକ୍ଷା ନେବାକୁ ପଡ଼ିବ ଏହାକୁ ଚେତନ ରଖିବା ପାଇଁ ଯଜନ, ଯାଜନ, ଇଷ୍ଟଭୃତି ଏହି ଅସ୍ତିତ୍ୱକୁ ଧରି ରଖିଥାଏ । ଆଲୋଚନା ପ୍ରସଙ୍ଗର ତେରଖଣ୍ଡରେ ଉଲ୍ଲେଖ ରହିଛି - 'ଯତ ଭୁତଇ କରିସ୍ ନା ତୁଇ, ସେରା ସ୍ୱସ୍ତ୍ୟୟନୀ କରତେ କରତେ ଦେଖତେ ପାବି, ଉନ୍ନୟନେର ଖଣି ।' ସ୍ୱାସ୍ଥ୍ୟରକ୍ଷା ସହ ନିୟମ ଗୁଡ଼ିକ ସଦାଚାର ସମ୍ପନ୍ନ ହୋଇ ପାଳନ କଲେ ଇଷ୍ଟକର୍ମ କରିବା ସହଜ ହୋଇଥାଏ । ଅନୁଶ୍ରୁତୀର ପ୍ରଥମ ଖଣ୍ଡ ବାଣୀ ୩୧ରେ ଲେଖା ଅଛି - 'ପ୍ରବୃତି ତୋର ଯଖନ ଯେମନ୍, ସେ ଭାବେଇ ଡଙ୍କି ମାରୁକ । ଇଷ୍ଟ ସ୍ୱାର୍ଥ ପ୍ରତିଷ୍ଠାତେ ଘୁରିୟେ ଦିବି ତାର ସେ ଝୁଁକ' । ଏହି ଲେଖନୀ ସମୟରେ ନୃସିଂହ ପୁରାଣର ତୃତୀୟ ରତ୍ନାକର ପୃଷ୍ଠା ୪୭ରେ ଉଲ୍ଲେଖ ଅଛି - 'ବର୍ଷକ ଯାକ ଅର୍ଜିବ ଜାଣ ଯେତେ ଦ୍ରବ୍ୟ, ଦଶଭାଗ କରି ତାହା ମନରେ ବାଂଟିବ । ତହିଁରୁ ଆଠଭାଗ ଯେ ଦେବ କୁଟୁମ୍ବଙ୍କୁ, ବୋଲିବ ସୁଖେ ବସିଣ ଭୁଞ୍ଜେ ଏ ଦ୍ରବ୍ୟକୁ । ଆବର କରିବ ଭାଗ କରେ ଧର୍ମ କାର୍ଯ୍ୟ, ଯହିଁରେ ସେ ପୂର୍ଣ୍ଣରେଖା ବଢ଼ିବ ଐଶ୍ୱର୍ଯ୍ୟ, ଆବର ଭାଗେ ଗୁରୁଙ୍କୁ ବାଂଟି କରି ଦେବ, ଆଠଗୋଟି ଭାଗ ଦେଇ କୁଟୁମ୍ବ ପୋଷିବ । ସଂସାରୀ ଲୋକେ ଏ ରୂପେ କଲେ ଧର୍ମ ପାଇ, କହିଲେ ରାଜାମାନଙ୍କ ଧର୍ମ ନସରଇ ।' ଯଥାର୍ଥରେ ସ୍ୱସ୍ତ୍ୟୟନୀ ମହାବ୍ରତ ସ୍ୱାସ୍ଥ୍ୟରକ୍ଷା ସହ ଆୟୁବୃଦ୍ଧି, କର୍ମଦକ୍ଷତା ଓ ଆର୍ଥିକ ଅନଟନକୁ ଦୂରେଇ ଦେଇଥାଏ । ମାନସିକ ଉଦ୍‌ବେଗ ଅନେକ ପରିମାଣରେ ଦୂରେଇ ଯାଏ । ପରିବାର ସୁସଂଗଠିତ ହେବା ସହ ଆଧ୍ୟାତ୍ମିକ ପରିବେଶର ପରମ ଶାନ୍ତି ଆତ୍ମାକୁ ଇଷ୍ଟାଭିମୁଖୀ କରାଏ । ଏହି ମହା ପବିତ୍ର ସ୍ୱସ୍ତ୍ୟୟନୀ ଦ୍ୱାରା ଯୁଗପୁରୁଷ କଳ୍କୀ ଭଗବାନ ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରାକୁ ଯାକୁଲ୍ୟମାନ କରି ଆମ୍ଭମାନଙ୍କ ଜୀବନକୁ ଶାନ୍ତି ଓ ଆନନ୍ଦମୟ କରି ଗଢ଼ିତୋଳିଥାଏ ।

ପ୍ରତିଷ୍ଠାତ୍ରିକ ଓ ଅବସରପ୍ରାପ୍ତ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ: ୯୪୩୭୦୫୧୯୫୭,

ସବୁ ସେହି ମୀନ ଶନିଙ୍କ ଖେଳ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ସଂସାରରେ ବିଶ୍ୱାସ କାହାକୁ କରାଯିବ ଏହାର ପ୍ରଶ୍ନ ହେଲେ ତାର ଉତର ହେବ 'ଗୁରୁ' । ଶିବ ରୁଷ୍ଟ ହେଲେ ସାଂଘାତିକ ବ୍ୟାପାର ଧୂର୍ଜଟୀଙ୍କ ତାଣ୍ଡବ ନାଚ ଆରମ୍ଭ ଜଳସ୍ଥଳ ଆକାଶରେ ମହାକମ୍ପନ, ସବୁ ତ୍ରାହି ତ୍ରାହି । ଏବେକାରେ ଅରକ୍ଷ୍ୟ ମାନଙ୍କ ଆଶ୍ରା 'ଗୁରୁ' । ପକ୍ଷାନ୍ତରରେ ଗୁରୁ କୋପକୁ ଶିବ ଶାନ୍ତି କରିପାରନ୍ତି ନାହିଁ । ବଡ଼ ବିଚିତ୍ର ପ୍ରତି ସ୍ଥାନର ପୂର୍ବ ଉତର କୋଣର ଅଧିକାରୀ ବାସ୍ତୁବିଦ୍ୟାରେ ଈଶାନ (ଶିବ)ଙ୍କୁ, ଗ୍ରହବିଦ୍ୟାରେ ବୃହସ୍ପତି । ପୁଣି କୁହାଯାଉଛି ଗୁରୁର୍ଦେବ ମହେଶ୍ୱର, ଏହା ଗୁରୁ ଆଉ ଶିବ ଏକକୁ ବୁଝାଏ । ଏ ବିବାଦରେ ସବାବେଳେ ନୂତନ ବିଦ୍ୟାର୍ଥୀ ପଡ଼ନ୍ତି, ବୃହସ୍ପତି ଦେବ, ଗୁରୁ, ଶିବ ଦେବ ଗୁରୁ ଏ ଧାରଣା ପୁଣି ଲୋକଙ୍କ ମନରେ ଉଜ୍ଜୀବିତ ଶାସ୍ତ୍ରକାର ମନେ ସାମ୍ୟ କରି କରନ୍ତି । ଗୁରୁ ଅର୍ଥରେ ଏକ ଅଭିଧାନିକ ବୟାନ ଅଛି ଓଜନ ଦାର ଶରୀରର ଓଜନରେ ନୁହଁ, ମାନ୍ୟତାର ଓଜନରେ ବିଦ୍ୟା ସହ ଜ୍ଞାନ ଓ ଅନୁଭୂତିରେ ଓଜନଦାର ସମାଜରେ ସେ ମାନନୀୟ ମାନ୍ୟବର ସେ ଓଜନଦାର, ଆଗ ଓଜନଦାର ଥିଲେ ବାହୁବଳୀ ବହୁ ଭୂମିର ମାଲିକ ଯେ ଶ୍ରମିକଙ୍କୁ ଲଗାଇ ବହୁ ପ୍ରକାର ଶସ୍ୟ ଫଳ ପନିପରିବା ମାଟିରେ ଫଳାଇ ପାରୁଥିଲେ । ଯେ ଅନେକ ଗୋ-ମହିଷାଦି, ପଶୁ ପାଳନ କରୁଥିଲେ, ଯେ ମାଛ ଚାଷ କରି ବା ସାଗର ନଦୀ, ହ୍ରଦ, ପୁଷ୍କରଣୀ ଆଦିରୁ ମାଛମାରୀ ବିକ୍ରୟ କରୁଥିଲେ, ଏମାନେ ଅଧିକ ଯମେଇ ରୋଜଗାରୀ ଯୋଗୁ ଗୁରୁ ବୃତି ଧାରୀନାମରେ ଆସୁଥିଲେ । ସେମିତି, ମହାଜନ, ତେଲି, ଜାତି, ଏମାନଙ୍କୁ କୁବେର ପୁତ୍ର ଆଖ୍ୟା ମିଳିଛି, ଦେବତାଙ୍କ ବ୍ୟାଙ୍କ ଅଧିକାରୀ କୁବେର ଦିନେ ତାଙ୍କ ଅଧିଷ୍ଠିତ ରାଜ୍ୟ ଥିଲା ଲଙ୍କା ।

କୁବେର ରାବଣ ଏକ ବାପା ବିଶ୍ରବାଙ୍କ ନନ୍ଦନ ମାତ୍ର କୁବେରଙ୍କ ମାତା ଦେବବର୍ଣ୍ଣିନୀ ଆଉ ରାବଣଙ୍କ ମାଆ ନିକଷା । ପିତୃ ସଂସ୍କାରରେ କୁବେର ସାବତ ଭାଇ ମନେ ନକରି ରାବଣଙ୍କୁ ଏକ ଦିଗବଳୟରୁ ଫେରିବା ପରେ ସ୍ୱ ରାଜବାଟିରେ ଅଭ୍ୟର୍ଥନାର ଆସର କରି ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ବହୁ ମିଳନ କରିଥିଲେ । କୁବେରଙ୍କ ଆଟବାଟ ମହଲର ଆୟୋଜନ ଦେଖି ରାବଣ ଲୋଭାସକ୍ତ ହୋଇ କୁବେର ତାଙ୍କ ପୁତ୍ର ନଳକୁବେରଙ୍କ ଉପରେ ଅତ୍ୟାଚାର ଆକ୍ରମଣ କଲେ ଏପରିକି, ନଳ କୁବେରଙ୍କସ୍ତ୍ରୀଙ୍କୁ ଉପଭୋଗ ପାଇଁ ମନ ବଳାଇଲେ । ଲଜ୍ଜିତ ହୋଇ କୁବେର ସ୍ୱରାଜମହଲ ଛାଡ଼ି ସମ୍ପୂର୍ଣ୍ଣ ଉଦବାୟୁ ହୋଇ ହିମାଳୟକୁ ଚାଲିଗଲେ ଦୁଃଖରେ ଉଦଯୋଗର ଦେବୀ ଧନଲକ୍ଷ୍ମୀଙ୍କୁ ତପସ୍ୟା କରି ରୁଦ୍ର ଶାନ୍ତି କରି ଉତର ଦିଗର ଦିଗପାଳ ହୋଇ ରହିଲେ ତାଙ୍କର ନବନିଧି ଅଧିକାର ଧନଲକ୍ଷ୍ମୀଙ୍କ ଦିବ୍ୟ ଆଶୀର୍ବାଦରୁ ମିଳିଛି । ଏହି କୁବେରଧର୍ମୀ ତେଲି, ତେଲିଙ୍କାର ପାଟକ ଏମାନେ କାଷ୍ଠ ଯନ୍ତ୍ରଘଣାରେ ତେଲବୀଜ ଗୁଡ଼ିକୁ ନିକ୍ଷେପିତ କରି ତେଲ ନିର୍ଗତ କରି ଏକ ବିଶେଷ ପ୍ରୟୋଜନ ଦ୍ରବ୍ୟ ବିକ୍ରୟ କରି ଧନୀ ବୋଲାନ୍ତି । ଧାତୁ ଦ୍ରବ୍ୟରେ ସ୍ୱର୍ଣ୍ଣକାର, ଗୌପ୍ୟକାର ଶିଳ୍ପୀମାନେ ଧନୀ, କାଂସ୍ୟ, ତାମ୍ର ପିତଳ କାରିଗର ବଣିକ ଏମାନେ ଧନୀ ଏବେ ଲୌହ ବଣିକମାନେ ଧନୀ ଖଣି ଧନ୍ଦାକାରୀମାନେ ଧନୀ । ଯକ୍ଷରେ କୁବେର ଗଣତି ଯକ୍ଷରାଜ, ଖଣି ମାଲିକ ଯକ୍ଷ ଧନୀ । ତେଲ ଖଣି ଯକ୍ଷ ଭଣ୍ଡାର । ଯକ୍ଷ ପତିଙ୍କ ସମତୁଲ୍ୟ । ରାବଣ କୁବେର ଦୁଇ ସାବତ ଭାଇ, ରାବଣ ବିସ୍ତାରବାଦୀ କେବଳ ବାହୁବଳ ଅସ୍ତ୍ରବଳ ମାରଣବିଦ୍ୟା, ଲୁଣ୍ଠନ କୌଶଳରେ ପରିଶ୍ରମ ନ୍ୟାୟ ନକରି ଅପହରଣରେ ବିଶ୍ୱ ଅଧିକାରୀ ହେବା ଉଦ୍ୟମୀର ଚକ୍ଷୁରେ, ଯକ୍ଷରାଜଙ୍କ ମାଟିତଳ ଧନକୁ ଆତ୍ମସାତ ଉଦ୍ୟମ । କୁମ୍ଭ ରାଶି, ତୁଳା ରାଶି, ମକର ରାଶି, ଶନିଙ୍କ କ୍ଷେତ୍ର ବହିରାଶି, କୁମ୍ଭ ମାନେ ମାଠିଆ ଏ ପୃଥ୍ୱୀ ମାଠିଆରେ ଅଛି କୁବେରଙ୍କ ଯକ୍ଷଧନ ଏ ପାଇଁ ଏହି ରାଶି ଭୂଖଣୀ ବିଚାର ହୁଏ ପୁଣି ବରୁଣଙ୍କ ଅଧିକାର ଶତଭିଷା ଏହି ରାଶିରେ ଅଛି ବରୁଣ ଆଉ ଶନି ଉଭୟ ପଶ୍ଚିମ ଦିଗପାଳ । ବଦନା ଜଳପ୍ରାତବା କମଣ୍ଡଳୁ ଜଳପ୍ରାରୁ ତାର ଝରି ପଥ ଦେଇ ଜଳନିଷ୍କାସନ କରି ଏଇ କୁମ୍ଭରୁ ମୀନରାଶିକୁ ଜଳପଥ ଭାଦ୍ରପାଦ ନକ୍ଷତ୍ର ଅଂଶ ସଂଯୋଗ ରହିଛି । ଜଳ ଭଣ୍ଡାର ମୀନ ରାଶି ଯହିଁରେ ମାଛ ଆଦି ନିରୀହ ଜୀବ ସହ ମାନବ ବ୍ୟବହୃତ ପୋତ, ସୌଦାଗରୀ ଜାହାଜ, ରଣତରୀ ଗତାଗତ ହେଉଛନ୍ତି ।

ରାଶିମାନେ ଦିଗ ମାଲିକରେ ଆସନ୍ତି ଗ୍ରହମାନେ ଦିଗ ଅଧିକାରୀ, ଶନି, ପଶ୍ଚିମେଶ, ମୀନରାଶି ଉତର ଦିଗ ରାଶି ଏ ସମୟରେ ପୃଥିବୀର ଉତର ଦିଗ ସମ୍ପନ୍ଧ ଋଷିଆ ୟୁକ୍ରେନ ଦୀର୍ଘ ଦିନ ସମରରତ । ଚୀନ ତଳବାନକୁ ପଶ୍ଚିମାଂଚଳ ଆମେରିକାର ଦାଦାଗିରି ଏଇ ଶନିଙ୍କ ମୀନ ସଂଚାର ଯୋଗୁ ପରିସ୍ଥିତି ବାଣିଜ୍ୟିକ ପଣ୍ୟ ପାଇଁ ମହାସମର । କେହି କାହାକୁ ବୁଝିବା ଉପରେ ନାହାଁନ୍ତି । ଶନିଙ୍କ ଜଳରାଶି ଉପସ୍ଥିତରେ ତାଙ୍କ ଦୃଷ୍ଟିରେ ଆସେ ୩ୟକୁ, ଦୃଷ୍ଟି ବୃଷ, ୭ମକୁ ଦୃଷ୍ଟି କନ୍ୟା, ୧୦ମକୁ ଦୃଷ୍ଟି ଧନୁ ଉପରେ ଦୃଷ୍ଟି ଶେନପରି ପାରାବତ ପରି, ଦୃଷ୍ଟି ଦୂରରୁ ଇଙ୍ଗିତ ଉପରେ ନଜର । ନଜର କହିଲେ ଆସିବ ତାମସିକ, ସାତ୍ତ୍ୱିକ, ତ୍ରିଧାରା ନଜର, ତାହାଣୀ ନଜର ଆଉ ଏକ ସଂଯୋଗ ଏଥିରେ ମିଶି ଚତୁଧାରା ହୋଇଯାଏ । ଯଦି ଶନି ୧ମ ଜଳରାଶି ଗତ ତେବେ ୨ଟି ପୃଥ୍ୱୀରାଶି ତାଙ୍କ ଦୃଷ୍ଟିରେ ଓ ଏକ ଅଗ୍ନି ରାଶି ତାଙ୍କ ଦୃଷ୍ଟିରେ ଏହା ମାଟିର ଅନେକ କ୍ଷତି କରିବାସହ ମାଟି ସଂଚାଳକଙ୍କ ମହାକ୍ଷତି କରିବ । ପୃଥ୍ୱୀ ଅଧିକାରୀ ହିଁ ମାଟି ସଂଚାଳକ, ଜମିଦାର । ଉତ୍ପାନି ୭ମରୁ ବିଚାର୍ଯ୍ୟ ସତ୍‌ଗ୍ରହଙ୍କ ୭ମ ଦୃଷ୍ଟି ଥାଏ ଏହାର ସଂକେତ ସବୁ ଗ୍ରହ ଉତ୍ପାନି ବାଣିଜ୍ୟର ନିୟନ୍ତ୍ରଣକାରୀ ଏହି ମୀନରାଶିରେ ପାପ ଉଗ୍ର ଗ୍ରହ ମଙ୍ଗଳ ଶନି ଆଉ ରବି ଏକତ୍ରିତ ଏକ ଭୟଙ୍କର ବିପତି ସୃଷ୍ଟି କରୁଛି ମୀନ ଜଳରାଶି ସାଗରରେ ଭେଳା ଭେଳା ସୌଦାଗରୀ ଜାହାଜକୁ ଯୁଦ୍ଧ ଜାହାଜ, ସମୁଦ୍ରରେ ଯୁଦ୍ଧ ।ତେଲ ପାଇଁ ଗ୍ୟାସ ପାଇଁ ବାଣିଜ୍ୟିକ ଯୁଦ୍ଧ । ପାଞ୍ଜିଲେଖା ବ୍ରାହ୍ମଣୀ ହାତରେ ଅଡ଼ା ଯାହା ସବୁଦ୍ରବ୍ୟ ଅଭାବ, ଚାଲାଣ କମ, ଉତ୍ପାଦନ କମ, ଫଳନ କମ, ସଂକ୍ଷିପ୍ତରେ ଦୁର୍ଭିକ୍ଷ ଭୋଗ । ସ୍ଥିରଭୂମି ଦ୍ୱିଫାଳ ହେବ ଭାଗ ବଂଟରାରେ ଆସିବ ବିସ୍ୱ ଭୂମିରେ ଜନମତ ବେଟାରୀ କରାଇବା ଦେଖାଯିବ ଜଣକୁ ଛାଡ଼ି ଆଉ ଜଣେ ଆବଶ୍ୟକ କରିବେ ବ୍ୟବହାର ଦ୍ରବ୍ୟ ଲୋକଙ୍କୁ ବଦଳାଇବାକୁ ପଡ଼ିବ ମତାନ୍ତର ମନାନ୍ତର ଦଳ ଦଳ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଉତ୍କଟ ହେବ, ଏକକ, ଏକତା, ତଞ୍ଛ ନଛହେବ । ଧୈର୍ଯ୍ୟ ଲକ୍ଷ୍ମୀ ଶାସକଙ୍କୁ ଓ ଲୋକଙ୍କୁ ଛାଡ଼ି ଯିବେ । ଜୁନ୍‌୨୦୨୬ ଧରିବା ପର୍ଯ୍ୟନ୍ତ ଅନେକ ଅଘଟଣ ଅସ୍ଥିରତା ଲାଗି ରହିବ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ବିଜ୍ଞାନ ଓ ବୈଜ୍ଞାନିକ ଚେତନା

॥ ଅଧ୍ୟାପକ ଗୋପବନ୍ଧୁ ॥

ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ । ନିର୍ଭୁଲ ଓ ନିଶ୍ଚିତ ଜ୍ଞାନ ହିଁ ବିଜ୍ଞାନ । କୌଣସି ସମ୍ଭାବିତ ଜ୍ଞାନ କିମ୍ବା ବିଶ୍ୱାସ ଆଧାରିତ ଜ୍ଞାନ ବିଜ୍ଞାନ ନୁହେଁ । ବୈଜ୍ଞାନିକ ସିଦ୍ଧାନ୍ତରେ ପହଂଚିବା ପାଇଁ ବହୁ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ପଡେ । ବିଭିନ୍ନ ସ୍ଥାନ ଓ ସମୟରେ ପରୀକ୍ଷା ହୁଏ । ଉଦାହରଣ ସ୍ୱରୂପ ମ୍ୟାଲେରିଆ ରୋଗର କାରଣ ହେଉଛି ମାଈ ଏନୋଫିଲିସ୍ ମଶା କାମୁଡିବା । ଏପରି ସିଦ୍ଧାନ୍ତକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ବହୁବର୍ଷ ଲାଗିଛି । ବିଶ୍ୱର ବିଭିନ୍ନ ସ୍ଥାନରେ ବହୁ ପରୀକ୍ଷା ନିରୀକ୍ଷା ହୋଇଛି । ଚିକିତ୍ସା ବିଜ୍ଞାନରେ ଏହି ସିଦ୍ଧାନ୍ତକୁ ବାରମ୍ବାର ପ୍ରୟୋଗକରି ଦେଖାଯାଇଛି । ସମସ୍ତ ବିରୋଧୀ ସମ୍ଭାବନାର ତର୍ଜମା ହୋଇଛି । ଏହାର କୌଣସି ବ୍ୟତିକ୍ରମ ଅଛି କି ନାହିଁ ତାହା ଲକ୍ଷ୍ୟ କରାଯାଇଛି । ବିଜ୍ଞାନ ଉକ୍ତ ପ୍ରକ୍ରିୟା ଉପରେ ନିର୍ଭର କରେ । ବୈଜ୍ଞାନିକ ଶୋଧନ ଦ୍ୱାରା ଲବ୍ଧ ବିଭିନ୍ନ ଜ୍ଞାନ ମଧ୍ୟରେ ଯେତେବେଳେ ଏକ ଶୃଙ୍ଖଳା ତିଆରି ହୁଏ ସେତେବେଳେ ଏହା ସୁନିଶ୍ଚିତ ହୋଇଯାଏ । ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତିଜନିତ ସିଦ୍ଧାନ୍ତ କେବଳ ବସ୍ତୁର ଭୂପୃଷ୍ଠ ଉପରେ ପତନକୁ ସନ୍ତୋଷ ଜନକଭାବେ ବ୍ୟାଖ୍ୟା କରୁଛି ତାହା ନୁହେଁ, ଏହା ସହିତ ଏ ସିଦ୍ଧାନ୍ତ ମହାକର୍ଷଣ ଶକ୍ତି ଜନିତ ନିୟମକୁ ଜନ୍ମ ଦେଇଛି । ଗ୍ରହ ନକ୍ଷେତ୍ରମାନଙ୍କର ସୂର୍ଯ୍ୟ ଚାରିପଟେ ପରିକ୍ରମଣର ସ୍ପଷ୍ଟଚିତ୍ର ପ୍ରଦାନ କରିପାରିଛି । ମହାକାଶୀୟ ପିଣ୍ଡମାନଙ୍କର ଗତିବିଧିକୁ ନିର୍ଣ୍ଣୟ କରିପାରୁଛି । ସମୁଦ୍ରରେ କାହିଁକି ଜୁଆରଭଟ୍ଟା ଆସେ ତାହାର ଉଚିତ ବର୍ଣ୍ଣନା ଦେଇପାରୁଛି । ମହାକର୍ଷଣ ନିୟମ ଅନୁଯାୟୀ ପୃଥିବୀର ସୂର୍ଯ୍ୟ ଚାରିପଟେ ଓ ଚନ୍ଦ୍ରର ପୃଥିବୀ ଚାରିପଟେ ପ୍ରଦକ୍ଷିଣ ଯୋଗୁଁ କିପରି ବିଶେଷ ମୁହୂର୍ତ୍ତରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେଉଛି ତାହାର ପ୍ରାଞ୍ଜଳ ବର୍ଣ୍ଣନା ଦେଇପାରୁଛି । ରାହୁ-କେତୁ ଗିଳିବା ଦ୍ୱାରା ଏହା ହେଉଛି ଏପରି ଭ୍ରାନ୍ତ ବିଶ୍ୱାସ ଦୂରୀଭୂତ ହୋଇଛି । ବିଜ୍ଞାନ ଏକ ପ୍ରବାହମାନ ପ୍ରକ୍ରିୟା । ବୈଜ୍ଞାନିକ ଅନୁସନ୍ଧାନ ଆଗକୁ ବଢ଼ିଚାଲିଛି । ବିଶ୍ୱବ୍ରହ୍ମାଣ୍ଡର ଅନେକ ରହସ୍ୟକୁ ଉନ୍ମୋଚନ କରିଛି । ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହେବାକୁ ବାକି ଅଛି । ବିଜ୍ଞାନର ଆଲୋକରେ ଅନେକ ଅନ୍ଧବିଶ୍ୱାସ ଦୂରୀଭୂତ ହୋଇଛି । ଅତୀତରେ ହଇଜା ଓ ବସନ୍ତ ରୋଗକୁ ଦୈବୀ ଶକ୍ତିର ପ୍ରକୋପ ବୋଲି ବିଶ୍ୱାସ ଥିଲା । ତାଙ୍କୁ ସନ୍ତୁଷ୍ଟ କଲେ ଏହା ଭଲ ହୋଇଯିବ ବୋଲି ଭ୍ରାନ୍ତ ବିଶ୍ୱାସ ଥିଲା । ପରେ ଚିକିତ୍ସା ବିଜ୍ଞାନରେ ଏହା ସଂକ୍ରାମକ ରୋଗ ବୋଲି ପ୍ରମାଣିତ ହେଲା । ଏହାର ପ୍ରତିଷେଧକ ଓ ସଂକ୍ରମଣରୁ ରକ୍ଷାର ଉପାୟ ଚିକିତ୍ସା ବିଜ୍ଞାନ ନିର୍ଣ୍ଣୟ କରିଛି । ଏହିପରିଭାବେ ଅନେକ ଅନ୍ଧବିଶ୍ୱାସରୁ ବିଜ୍ଞାନ ଆମକୁ ମୁକ୍ତି ଦେଇଛି । ପ୍ରତ୍ୟେକ କଥାକୁ ମନୁଷ୍ୟ ବିଜ୍ଞାନର ମାନକରେ ତଉଲୁଛି । ଆଜି ଅନ୍ଧବିଶ୍ୱାସ ବିଜ୍ଞାନର ଶତ୍ରୁ ସାଜିଛି । ହଜାର ହଜାର ବର୍ଷଧରି ଯେଉଁମାନେ ଅନ୍ଧବିଶ୍ୱାସକୁ ନିଜର ବେପାରରେ ପରିଣତ କରିଥିଲେ ସେମାନେ କ୍ରୋଧାନ୍ୱିତ ହେବା ସ୍ୱାଭାବିକ । ବିକଶିତ ରାଷ୍ଟ୍ରମାନେ ଏହି ସୋପାନ ଅତିକ୍ରମ କରିସାରିଛନ୍ତି । ବିଜ୍ଞାନ ଅଟକି ଯାଇନାହିଁ । ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି । ଏହାକୁ ଅଟକାଇବା ଆଦୌ ସମ୍ଭବପର ନୁହେଁ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ମନରେ ଜିଜ୍ଞାସାଭାବ ଥିବ, ପ୍ରଶ୍ନ କରିବାର ସ୍ୱଭାବ ଥିବ ସେତେଦିନ ପର୍ଯ୍ୟନ୍ତ ବିଜ୍ଞାନ ବଂଚି ରହିବ । ଜିଜ୍ଞାସାଭାବ ମନୁଷ୍ୟର ବୌଦ୍ଧିକତାର ବିକଶିତ ଅଂଶବିଶେଷ । ବୌଦ୍ଧିକତାର ସମାପ୍ତ ହେଲେ ସେ ଆଉ ମନୁଷ୍ୟ ହୋଇରହିବ ନାହିଁ । ସେ ପଶୁ ସହିତ ସମାନ ହୋଇଯିବ ।

ଅନ୍ୟପକ୍ଷରେ ବୈଜ୍ଞାନିକ ଚେତନା ଏକ ଉନ୍ନତ ମାନସିକ ଅବସ୍ଥା । ବିଜ୍ଞାନକୁ ସ୍ୱୀକାର କରୁଥିବା ଏକପ୍ରକାର ମାନବୀୟ ସ୍ଥିତି । ଅନ୍ଧବିଶ୍ୱାସ ଓ କୁସଂସ୍କାରର ଊର୍ଦ୍ଧ୍ୱକୁ ଆସି କାରଣୀକତାରେ ବିଶ୍ୱାସ କରୁଥିବା ଆଧୁନିକ ମନୁଷ୍ୟର ସ୍ୱଭାବ । ବୈଜ୍ଞାନିକ ଚେତନା ମାନବିକତା ଓ ନୈତିକ ଚେତନାକୁ ଜାଗରିତ କରେ । ଭ୍ରାନ୍ତ ବିଶ୍ୱାସ ଓ କୁପରମ୍ପରାର ଊର୍ଦ୍ଧ୍ୱକୁ ଆସିଥିବା ଜଣେ ଉନ୍ନତ ମନୁଷ୍ୟ ଉନ୍ନତ ସାମାଜିକ ଶୃଙ୍ଖଳା କଥା ଚିନ୍ତାକରେ । ମାନବିକତା ଓ ନୈତିକବୋଧ ବିନା ଗୋଟିଏ ଉନ୍ନତ ସାମାଜିକ ବ୍ୟବସ୍ଥାର ଚିନ୍ତା କରାଯାଇ ପାରିବ ନାହିଁ । ଭ୍ରାନ୍ତ ପରମ୍ପରା ଓ ଭ୍ରାନ୍ତ ବିଶ୍ୱାସ ଏହି ଦୁଇ ମହାନ ଗୁଣର ପ୍ରତିବନ୍ଧକ । ବୈଜ୍ଞାନିକ ଚେତନା ଏହି ପ୍ରତିବନ୍ଧକକୁ ହଟାଇବାକୁ ସକ୍ଷମ ହୁଏ । ମାନବ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାର ବାଟ ଦେଖାଏ । ବୈଜ୍ଞାନିକ ଚେତନାର ବିକାଶ ଆପେ ହୁଏନାହିଁ । ଏଥିପାଇଁ ଲୋଡ଼ା ଅଧ୍ୟବସାୟ । ସେହିମାନଙ୍କ ନିକଟରେ ଏହା ବିକଶିତ ହୁଏ ଯେଉଁମାନଙ୍କ ନିକଟରେ ଜିଜ୍ଞାସାଭାବ ଥାଏ । ଯେଉଁମାନେ ଆଖିବୁଜି କୌଣସି କଥାକୁ ମାନିଯାଆନ୍ତି ନାହିଁ । ଯେଉଁମାନେ ପ୍ରତ୍ୟେକ ଘଟଣାର ବାସ୍ତବ କାରଣ ଖୋଜନ୍ତି । ବୈଜ୍ଞାନିକ ଚେତନା ଏକ ଶୃଙ୍ଖଳିତ ଚେତନା । ଏହା ମାନବବାଦୀ ଓ ନୀତିବାଦୀ ଚେତନା ଜାଗ୍ରତର ପୃଷ୍ଠଭୂମି ଯୋଗାଏ । ପ୍ରତ୍ୟେକ ମନୁଷ୍ୟର ବୌଦ୍ଧିକତା ମଧ୍ୟରେ ଏପରି ଚେତନା ସୁପ୍ତ ଭାବରେ ଥାଏ । ଅନ୍ଧବିଶ୍ୱାସ ଓ କୁପରମ୍ପରା ଏଗୁଡ଼ିକୁ ଚାପିଦେବାକୁ ଚେଷ୍ଟାକରେ । ବୈଜ୍ଞାନିକ ଚେତନା ମନୁଷ୍ୟର ମନକୁ ଏ ବନ୍ଧନରୁ ମୁକ୍ତକରେ । ଚେତନାର ମୁକ୍ତ ପ୍ରବାହକୁ ସ୍ୱୀକାର କରେ । ଭ୍ରାନ୍ତ ବିଚାରରୁ ମୁକ୍ତ କରେ । ବୈଜ୍ଞାନିକ ଚେତନା ମନୁଷ୍ୟ ମନର ଏକ ସାକାରାତ୍ମକ ଉପାଦାନ । ସମାଜକୁ ଉନ୍ନତ ସୋପାନକୁ ନେଇଯିବାର ମାନସିକ ବାହକ ।

ବୈଜ୍ଞାନିକ ଚେତନା ବିଜ୍ଞାନ ପାଠ୍ୟକ୍ରମର ଶିକ୍ଷାଗତ ପ୍ରମାଣପତ୍ରରୁ ମିଳେନାହିଁ । ବୈଜ୍ଞାନିକ ସୂତ୍ରର କୁଶଳୀ ପ୍ରୟୋଗକରୀ ଜଣେ ବ୍ୟକ୍ତି ବୈଜ୍ଞାନିକ ଚେତନାର ଅଧିକାରୀ ନହୋଇପାରେ । ସେ ପ୍ରୟୋଗ ଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ରର ପ୍ରୟୋଗରେ ଯେଉଁ ସୃଷ୍ଟିର ଉପସ୍ଥାପନ କରେ ସେଥିରେ ତାହାର ନିଜର ଚେତନାର ପ୍ରୟୋଗ ନଥାଏ । ଯନ୍ତ୍ରମାନବ ତୁଲ୍ୟ ଗୋଟିଏ ପରେ ଗୋଟିଏ କାମ କରିଯାଏ । ବିଜ୍ଞାନର କୌଣସି ପରୀକ୍ଷାଗାରରେ ନିଜକୁ ବୈଜ୍ଞାନିକ କିମ୍ବା ବିଜ୍ଞାନର ଅଧ୍ୟାପକ କହୁଥିବା ଜଣେ ବ୍ୟକ୍ତି ପ୍ରୟୋଗଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ର ଅନୁଯାୟୀ ଉଦଜାନ ଓ ଅମ୍ଳଜାନ ଅଣୁର ମିଶ୍ରଣରେ ଜଳ ସୃଷ୍ଟି କଲେ, ସେ ବୈଜ୍ଞାନିକ ଚେତନାର ଅଧିକାରୀ ବୋଲି କହିହେବ ନାହିଁ । ଶୁଆ ମନେରଖି କହିଲା ଭଳିଆ ସେ ବୈଜ୍ଞାନିକ ପ୍ରୟୋଗ କରିପକାନ୍ତି । ଏହା ବୈଜ୍ଞାନିକ ଚେତନା ନୁହେଁ । ବୈଜ୍ଞାନିକ ଚେତନା ହେଉଛି ମସ୍ତିଷ୍କର ଅନ୍ୱେଷଣ ପ୍ରକ୍ରିୟା, ଯାହା ନିଜକୁ ବିଜ୍ଞାନର ଅନୁଗାମୀ କହୁଥିବା ଅନେକ ଲୋକଙ୍କ ନାକଟରେ ନଥାଏ ।

କୌଣସି ରାଷ୍ଟ୍ରର ବିକାଶ ପାଇଁ ଉଭୟ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶ ଜରୁରୀ । ଯେଉଁ ରାଷ୍ଟ୍ର ବିଜ୍ଞାନରେ ଯେତେ ପ୍ରଗତି କରିଛି ସେ ରାଷ୍ଟ୍ର ସେତେ ବିକଶିତ । ରାଷ୍ଟ୍ର ବୈଜ୍ଞାନିକ ଚେତନାଦ୍ୱାରା ପ୍ରେରୀତ ହୋଇନଥିଲେ ବିଜ୍ଞାନରେ ପ୍ରଗତି ଅସମ୍ଭବ । ତେଣୁ ବିକଶିତ ରାଷ୍ଟ୍ରମାନେ ବୈଜ୍ଞାନିକ ଚେତନାର ବିକାଶ ଉପରେ ଗୁରୁତ୍ୱ ଦିଅନ୍ତି । ଏହାକୁ ସାମାଜିକ ଚିନ୍ତନର ଅଂଶବିଶେଷ ରୂପେ ଗ୍ରହଣ କରନ୍ତି । ପାଠ୍ୟକ୍ରମରେ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ । ସମସ୍ତ କ୍ଷେତ୍ରରେ ବିଜ୍ଞାନକୁ ସମ୍ମାନ ମିଳେ । ଭାରତବର୍ଷରେ ମଧ୍ୟ ଆମ ସମ୍ବିଧାନର ପ୍ରଣେତାମାନେ ଏ କଥାକୁ ଉପଲବ୍ଧି କରିଥିଲେ । ତେଣୁ ସେମାନେ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶକୁ ପ୍ରତ୍ୟେକ ନାଗରୀକ ପାଇଁ ନିର୍ଦ୍ଦେଶିତ ନିୟମଭାବେ ସମ୍ବିଧାନରେ ଉଲ୍ଲେଖ କରିଯାଇଛନ୍ତି । ପ୍ରତ୍ୟେକ ଭାରତୀୟ ଏହାର ଗୁରୁତ୍ୱକୁ ବୁଝନ୍ତୁ ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

ସେଇଠୁ
ଆରମ୍ଭ
SEITHO ARAMBHA

ଶନିବାର, ୧୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

କେନ୍ଦ୍ରୀୟ ଏସିଆନ୍ ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍‌ରେ ଭାରତୀୟ ପୁରୁଷ ହ୍ୟାଣ୍ଡବଲ୍ ଦଳର ବ୍ରୋଂଚ ପଦକ ଲାଭ

ଜଗତସିଂହପୁର, ୧୦/୦୪(ଆ.ପ୍ର) : ଉଜବେକିସ୍ତାନର ତାସକେଣ୍ଟ ଠାରେ ଆୟୋଜିତ କେନ୍ଦ୍ରୀୟ ଏସିଆନ୍ ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍‌ରେ ଭାରତୀୟ ପୁରୁଷ ହ୍ୟାଣ୍ଡବଲ୍ ଦଳ କାଜାଖସ୍ଥାନ ବିରୁଦ୍ଧରେ ୨୫- ୨୦ ଗୋଲ ବ୍ୟବଧାନରେ ବିଜୟୀ ହୋଇ ବ୍ରୋଂଚ ମେଡାଲ ହାସଲ କରିବାରେ ସଫଳ ହୋଇପାରିଛି । ଏହି ଭାରତୀୟ ଦଳରେ ଖେଳାଳି ଭାବରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ରାଜାରାମ୍ ପଣ୍ଡା ଓ ସ୍ୱସ୍ତିକ୍ ମହାପ୍ରସାଦ ପତି ଏବଂ ଭାରତୀୟ ଦଳରେ ଅଫିସିଆଲ ଭାବରେ ପ୍ରଣୟ କୁମାର ପାଣି, ଗୌରୀ ଶଙ୍କର ମିଶ୍ର ସାମିଲ୍ ହୋଇ ଉଭୟ ଆମ ରାଜ୍ୟ ଓଡ଼ିଶା ଓ ଆମ ଦେଶ ଭାରତକୁ ଗୌରବାନ୍ୱିତ କରିଛନ୍ତି । ଭାରତୀୟ ଦଳର ଏହି ବିଜୟ ପାଇଁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍‌ର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂହ ଏବଂ କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଥ ଦାସ ଭାରତୀୟ ଦଳ ଏବଂ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଖେଳାଳି ରାଜାରାମ୍ ପଣ୍ଡା, ସ୍ୱସ୍ତିକ୍ ମହାପ୍ରସାଦ ପତି ଓ ଅଫିସିଆଲ୍ ପ୍ରଣୟ କୁମାର ପାଣି, ଗୌରୀ ଶଙ୍କର ମିଶ୍ର ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଗମାଣ୍ଡି ଓ ଗଞ୍ଜୁଗୁଡ଼ା ରାଜସ୍ୱ ଗ୍ରାମରେ ପଲ୍ଲୀସଭା ଅନୁଷ୍ଠିତ

ରାଇକିଆ, ୧୦/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ଏବଂ ଗ୍ରାମ ପଂଚାୟତ ଅନ୍ତର୍ଗତ ଗମାଣ୍ଡି ଓ ଗଞ୍ଜୁଗୁଡ଼ା ଦୁଇ ଗୋଟି ରାଜସ୍ୱ ଗ୍ରାମର ପଲ୍ଲୀସଭା ରେ ଗ୍ରାମର ବିକାଶ ପାଇଁ ନିଷ୍ପତି ମାନ ଗ୍ରହଣ କରାଯାଇ ଗ୍ରାମ ପଂଚାୟତକୁ ଲିଖିତଭାବେ ପ୍ରଦାନ କରାଯାଇଅଛି । ଏହି ପଲ୍ଲୀସଭା ଅଙ୍ଗନୱାଡି ପ୍ରାଙ୍ଗଣ ଏବଂ କଲୋନୀ ସାହିର ବରଗଛ ତଳେ ଅନୁଷ୍ଠିତ ହୋଇଯାଇଅଛି । ଏହି ପଲ୍ଲୀସଭା ମାନଙ୍କରେ ବସୁଧା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ କରିବା ସହ ପରିଚାଳନା ପାଇଁ ନିଷ୍ପତି, ଏ ଏନଏମ କେନ୍ଦ୍ର ନିର୍ମାଣ, ଏକ ପୋଷ୍ଟ ଅଫିସ ସ୍ଥାପନ, ବିଦ୍ୟାଳୟର ୪ଟି ଶ୍ରେଣୀଗୃହ ନିର୍ମାଣ ସହ ବିଦ୍ୟାଳୟର ଖେଳ ପଡିଆର ଉନ୍ନତି, ଦୁଇଟି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟର ପାଚେରୀ ନିର୍ମାଣ, ବୋରେୱେଲ ନିର୍ମାଣ,ଗ୍ରାମର ସ୍କୁଲ ରାସ୍ତା ଓ ପ୍ରତି ସାହିକୁ ସି ସି ରାସ୍ତା ଗୁଡ଼ିକ ନିର୍ମାଣ, ବାରୁମାହା କୁ ରାସ୍ତା ନିର୍ମାଣ,୭ଟି କୁଆ ଗୁଡ଼ିକର ନିର୍ମାଣ,୬ ଗୋଟି ଶ୍ମଶାନ ଗୃହ ନିର୍ମାଣ ସହ ରାସ୍ତା ସଂଯୋଗ , ନିଶା ମୁକ୍ତ ଗ୍ରାମ ନିମନ୍ତେ ଦେଶି ମଦ ରାନ୍ଧିବା ଓ ବିକିବା ବନ୍ଦ କରିବା, ଏକ ମୋବାଇଲ୍ ଟାୱାର ସ୍ଥାପନ, ଭିନ୍ନକ୍ଷମ, ବିଧବା ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପକ୍କା ଘର ମଞ୍ଜୁର କରିବାକୁ ଏବଂ ଦୁଇ ଗୋଟି ପଲ୍ଲୀସଭା ମାନଙ୍କରେ ୱାର୍ଡ଼ ସଭ୍ୟ ଅମିୟ ବେହେରା ଏବଂ ୱାର୍ଡ଼ ସଭ୍ୟା ପ୍ରତିମା ପ୍ରଧାନ ଗ୍ରାମବାସୀଙ୍କର ଉପସ୍ଥିତିରେ ସଭାପତିତ୍ୱ କରିଥିଲେ ଏବଂ ଗ୍ରାମ ସାଥୀ ଭଗବାନ ପ୍ରଧାନ ଓ ଶେଫାଳୀ ଦିଗାଲ ସଂଯୋଜନା କରିଥିଲେ । ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଚାଲିଥିବା ମାଗଣା କୋଚିଂ କୁ ସବୁ ପିଲାମାନଙ୍କୁ ପଠାଇବା ପାଇଁ ପରାମର୍ଶ ଦିଆଯାଇଥିଲା ପରିଶେଷରେ ସାମନ୍ତ ପ୍ରଧାନ ଧନ୍ୟବାଦ ଜଣାଇଥିଲେ ।

ବେସାହାରା ବୃଦ୍ଧାଙ୍କୁ ଆଶ୍ରୟ ଦେଲେ ରାଜସ୍ୱ ନିରୀକ୍ଷକ

କୁନାଗଡ଼, ୧୦/୦୪(ଆ.ପ୍ର) : ଜଣେ ଅସହାୟ ବୃଦ୍ଧାଙ୍କୁ ଆଶ୍ରୟ ଦେଇ ସହଯୋଗ ର ହାତ ବଢ଼େଇଛନ୍ତି ଦାସିଗାଁ ରାଜସ୍ୱ ନିରୀକ୍ଷକ । କୁନାଗଡ଼ ବ୍ଲକ ଅନ୍ତର୍ଗତ ଗୌଡ଼ ଛେଣ୍ଡିଆ ପଂଚାୟତ ଟିକିଲି ଗ୍ରାମର ତୁଳସା ଗହୀର (୭୬)ବର୍ଷ ବୟସ ନିଜର ସ୍ୱାମୀକୁ ହରାଇ ଗତ ୨୦୨୦ମସିହାରୁ ଗ୍ରାମର ଏକ କୋଣରେ ଏକ ଝାଟି ମାଟି କୁଡ଼ିଆରେ ଅତି ଦୟନୀୟ ଭାବରେ ରହୁଥିଲେ । ନିଜର କୌଣସି ପୃଷ୍ଠପୋଷକ ନ ଥିବାରୁ ଲୋକଙ୍କୁ ଆଶ୍ରା କରି କେତେବେଳେ କାଁ ଗାଁ ପେଟକୁ ଦାନା ଦେଉଥିଲେ । ଗତ ୨୦୨୨ମସିହାରେ ହିମାଂଶୁ ଶେଖର ପଣ୍ଡା ଦାସିଗାଁ ରାଜସ୍ୱ ନିରୀକ୍ଷକ ଭାବେ ଯୋଗଦାନ କରିଥିଲେ । ନିଜର କ୍ଷେତ୍ର ପରିଦର୍ଶନ ସମୟରେ ଏହି ବୃଦ୍ଧା ଜଣଙ୍କର ଏପରି ଦୟନୀୟ ଅବସ୍ଥା ଦେଖିବାକୁ ପାଇଥିଲେ । ଏପରି ହୃଦୟ ବିଦାରକ ଘଟଣା ତାଙ୍କୁ ମ୍ରିୟମାଣ କରିଥିଲା । ଏହା ପରେ ବୃଦ୍ଧା ଜଣଙ୍କର ଥଇଥାନ କରିବାର ନିଷ୍ପତି ନେଇଥିଲେ । ସେହି ଝାଟି ମାଟି କୁଡ଼ିଆରୁ ବୃଦ୍ଧାଙ୍କୁ ଉଦ୍ଧାର କରି ମୁଣ୍ଡୁରାଗୁଡା ପୁରୁଣା ରାଜସ୍ୱ ନିରୀକ୍ଷକଙ୍କ କାର୍ଯାଳୟ ରେ ଥଇଥାନ କରିଥିଲେ । ସେହିଦିନ ଠାରୁ ସେଠାରେ ରାଜସ୍ୱ ନିରୀକ୍ଷକ ହିମାଂଶୁ ଶେଖର ପଣ୍ଡା ବୃଦ୍ଧା ଜଣଙ୍କର ସେବା ଯତ୍ନ ଏବଂ ଖାଦ୍ୟ ପେୟ ଦାୟିତ୍ୱ ନେଇ ଆସୁଛନ୍ତି । କୁନାଗଡ଼ ବିଡିଓଙ୍କୁ ଅନୁରୋଧ କରି ବୃଦ୍ଧା ଜଣଙ୍କର ରାସନ କାର୍ଡ ଏବଂ ଭତା କାର୍ଡକୁ ଦାସିଗାଁ ପଂଚାୟତକୁ ସ୍ଥାନାନ୍ତରିତ କରି ବୃଦ୍ଧାଙ୍କୁ ସୁବିଧା ଯୋଗେଇ ଦେଇଛନ୍ତି । ସେହିପରିପୂର୍ବତନ କୁନାଗଡ଼ ତହସିଲଦାର ସୁଦୀପ୍ତ ମହାନ୍ତିଙ୍କୁ ଅନୁରୋଧ କରି ବୃଦ୍ଧାଙ୍କ ନାମରେ ଚାରି ଡ଼ିସିମିଲ ଘର ଡିହ ପଟ୍ଟା ପ୍ରଦାନ କରିଛନ୍ତି । ବର୍ତ୍ତମାନ ବୃଦ୍ଧା ଜଣ କ ରଜସ୍ୱ ନିରୀକ୍ଷକଙ୍କ ଉଦାର ପଣିଆ ଯୋଗୁ ଥଇଥାନ ହୋଇଥିବା ସେ ନିଜେ କହୁଥିବା ବେଳେ ବର୍ତ୍ତମାନ ଏକ ଇନ୍ଦିରାବାସ ଗୃହ ନିଜ ନାମରେ ସରକାର ଯୋଗାଇ ଦେଲେ ମୁଁ ମୋର ଜୀବନ କାଳ ବିତେଇ ବା ସହ ଉପକୃତ ହୋଇପାରିବି ବୋଲି ସରକାରଙ୍କ ଠାରେ ବିନମ୍ର ଅନୁରୋଧ କରିଛନ୍ତି । ଏଣୁ ଏଥିପ୍ରତି ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରି ବୃଦ୍ଧାଙ୍କୁ ଏକ ଇନ୍ଦିରାବାସ ଗୃହ ଯୋଗେଇଦେବାକୁ ସାଧାରଣରେ ଦାବୀ ହେଉଅଛି ।

ଅନିଶ୍ଚିତତା ଭିତରେ କେନ୍ଦ୍ରିକଳା କୁଦରରୁ ନରେନ୍ଦ୍ର ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ

ବଣାଇ,୧୦/୦୪(ଆ.ପ୍ର) :ବଣାଇଁ ପିବ୍ଲୁଡି ବିଭାଗ ପକ୍ଷରୁ କେନ୍ଦ୍ରିକଳା ରୁ ନରେନ୍ଦ୍ର ବାଇପାସ୍, କଲେଜପୋଷ୍ଟରୁ ଲହୁଣୀପଡା ପର୍ଯ୍ୟନ୍ତ ବାଇପାସ୍ ନିର୍ମାଣ ପାଇଁ ତତ୍କାଳୀନ ପିଡବ୍ଲୁଡି ବିଭାଗର ଏସଡିଓ ଭୀମ ଚରଣ ହେମ୍ବ୍ରମଙ୍କ ସମୟରେ ବାଇପାସ୍ ରାସ୍ତା ଉପରେ ଏକ କେନ୍ଦ୍ରିକଳାରୁ ନରେନ୍ଦ୍ର ଯାଏଁ ସର୍ଭେ ହୋଇଥିବା ଜଣାପଡିଛି । ତେବେ ତତ୍କାଳୀନ ପିବ୍ଲୁଡି ଏସଡିଓ ବଣାଇଁ ଉପଖଣ୍ଡରେ ବହୁ ବର୍ଷ ଧରି ବିଭିନ୍ନ ବିଭାଗର ଯେ ପରିକି ବଣାଇଁ ବ୍ଲକ କାର୍ଯ୍ୟାଳୟରେ ଆସିଷ୍ଟାଂଟ ଇଞ୍ଜିନିୟରିଂ, ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ, ବଣାଇଁ ପିଏଆଇଟିଡିଏ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବା ପରେ ବଣାଇଁ ପିଡବ୍ଲୁଡି ବିଭାଗକୁ ଏସଡିଓ ଭାବେ ଦାୟିତ୍ୱ ତୁଲାଇ ଥିବା ବେଳେ ତାଙ୍କର ଇଛା ରହିଥିଲା ଯେ କେନ୍ଦ୍ରିକଳା ରାସ୍ତା ଅନେକ ଦୁର୍ଘଟଣାର ଶିକାର ଓ ଟ୍ରାଫିକ ସମସ୍ୟା ରହୁଥିବାରୁ ଏହାକୁ ଆଖି ଆଗରେ ରଖି ଏକ କେନ୍ଦ୍ରିକଳା ଏକ ବାଇପାସ୍ ନିର୍ମାଣ କରିବା ପାଇଁ ସର୍ଭେ ହୋଇଥିଲା । ଏହି ବାଇପାସ୍ ସେଂଟ ଜାଭିୟର କନଭେଂଟ ସ୍କୁଲ ରାସ୍ତାର ସମ୍ମୁଖରୁ କେନ୍ଦ୍ରିକଳା ବ୍ରାହ୍ମଣୀ ନଦୀ କୂଳ କୁଦର ଦେଇ ନରେନ୍ଦ୍ର ବାଲୁଘାଟ ପର୍ଯ୍ୟନ୍ତ ଏକ ବାଇପାସ୍ ହେବ ବୋଲି ଜଣାପଡିଛି । ଏହି ବାଇପାସ୍ ନିର୍ମାଣ ଉଦେଶ୍ୟରେ ଯେ ଟ୍ରାଫିକ ନିୟନ୍ତ୍ରଣ ସମସ୍ୟା ଦୂର ହେବା ସହ ନରେନ୍ଦ୍ର ଯିବାକୁ ଯିବା ପାଇଁ ଖୁବ୍ କମ୍ ସମୟ ମଧ୍ୟରେ ପଥଚାରୀ ମାନେ ସୁବିଧା ପହଂଚି ପାରିବେ ବୋଲି ଏହାକୁ ଆଖି ଆଗରେ ରଖି ବାଇପାସ୍ ପ୍ରପୋଜାଲ ହୋଇଥିବା ଜଣାପଡିଛି । ତେବେ ବଣାଇଁ ତତ୍କାଳୀନ ପିଡବ୍ଲୁଡି ଏସଡିଓ ଶ୍ରୀ ହେମ୍ବ୍ରମଙ୍କ ତାଙ୍କର ବଦଳି କାର୍ଯ୍ୟ ହେବା ପରେ ବାଇପାସ୍ ରାସ୍ତା କାମ ଆଉ ହୋଇ ପାରିବ କି ନାହିଁ ତାହା ପ୍ରଶ୍ନ ବାଛି ସୃଷ୍ଟି କରିବା ସହିତ ବାଇପାସ୍ ରାସ୍ତା ତାଙ୍କର ସପ୍ନ ଅଧୁରା ରହିଗଲା ଭଳି ଲାଗୁଛି । ସେହିପରି କଲେଜପୋଷ୍ଟ ସ୍କୁଲ ନିକଟରୁ ନେଇ ଲହୁଣୀପଡା ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତା ନିର୍ମାଣ ଉପରେ ମଧ୍ୟ ତତ୍କାଳୀନ ପିଡବ୍ଲୁଡି ଏସଡିଓ ଶ୍ରୀ ହେମ୍ବ୍ରମଙ୍କ ସମୟରେ ସର୍ଭେ ହୋଇଥିବା ଜଣାପଡିଛି । ଉକ୍ତ ମୁଖ୍ୟ ରାସ୍ତା ଦେଇ ଅନେକ ଭାରିଯାନ ଯାତାୟାତ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଥିବାରୁ ଏହାକୁ ଆଖି ଆଗରେ ରଖି ବାଇପାସ୍ ପାଇଁ ସର୍ଭେ ହୋଇଥିଲା । ଏହି ବାଇପାସ୍ ରାସ୍ତା ଗୁଡ଼ିକ କାର୍ଯ୍ୟକାରୀ କେତେ ଦୂର ଚାଲିଛି ନା ତାଙ୍କର ବଦଳି ପରେ ବାଇପାସ୍ ରାସ୍ତା ହେବ କି ନାହିଁ ତାହା ଜଣାପଡୁନାହିଁ । କେତେ ଏହି ଦୁଇଟି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଖାଲି ସରକାରୀ କାଗଜପତ୍ର ରହି ଯାଇଛି ନା ଆଉ କଣ ତାହା ଜଣାପଡୁନାହିଁ । ତେବେ ବର୍ତମାନ ବଣାଇଁ ପିଡବ୍ଲୁଡି ବିଭାଗ ଏସଡିଓ ପ୍ରିତିକ ପ୍ରିୟଦର୍ଶି ଦାସଙ୍କ ଦାୟିତ୍ୱରେ ରହି ଥିବା ବେଳେ ଏହି ବାଇପାସ୍ କାମ ଆଗକୁ କାର୍ଯ୍ୟକାରୀ ହେବ ନା ନାହିଁ ତାହା ଦେଖିବାକୁ ବାକି ରହିଲା ।ତେଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ବାଇପାସ୍ ରାସ୍ତା ନିର୍ମାଣ ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଯୁବ ରେଡ଼କ୍ରସ ବିଭାଗ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ, ୧୦/୦୪(ଆ.ପ୍ର) :ଓଡ଼ିଆ ପକ୍ଷ-୨୦୨୬ ଆନୁକୂଲ୍ୟରେ ସ୍ଥାନୀୟ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଯୁବ ରେଡ଼କ୍ରସ ବିଭାଗ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ରକ୍ତଦାନର ମହତ୍ୱ ସମ୍ପର୍କରେ ଛାତ୍ର, ଛାତ୍ରୀଙ୍କୁ ଅବଗତ କରାଇ ଥିଲେ । ରେଡ଼କ୍ରସ ବିଭାଗ, ଜିଲ୍ଲା ଆବାହକ ଶୋଭନା ତ୍ରିପାଠୀ, ମହାବିଦ୍ୟାଳୟ ଅଧିନସ୍ଥ ରେଡ଼କ୍ରସ ସଂଯୋଜିକା ଡ.ସଂଗୀତା ମିଶ୍ରଙ୍କ ତତ୍ୱାବଧାନ ରେ ୫୪ ୟୁନିଟ ରକ୍ତସଂଗ୍ରହ ହୋଇଛି । ଏଥିରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ତଥା ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିପୁଳ ଉତ୍ସାହ ଉଦ୍ଦୀପନା ରେ କାର୍ଯ୍ୟକ୍ରମ ସମାପନ ହୋଇଛି ।

ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଛତିଆ, ୧୦/୦୪(ଆ.ପ୍ର) : ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୫/୨୬ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଗୀତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ , ସହ ଶିକ୍ଷାଧିକାରୀ ଆର୍ତତ୍ରାଣ ପୃଷ୍ଟି, ଉଦଘାଟକ କରିଥିଲେ ଓ ମୁଖ୍ୟ ବକ୍ତା ଭାବେ ବିଆରସି ସି ରତିକାନ୍ତ ସାମଲ ଯୋଗ ଦେଇଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇ ଥିଲା । ସମ୍ମାନିତ ଅତିଥି ଗାବେସରପଂଚ ରମେଶ ପୃଷ୍ଟି ସମିତିସଭ୍ୟ ଦୀପକ କୁମାର ସାହୁ, ଲକ୍ଷ୍ମୀ ନଗର ପାଟଣା ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ କୀର୍ତି ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର୍ ପଣ୍ଡା, ପ୍ରମୁଖ ମଂଚାସୀନ ହୋଇଥିଲେ । ନରେନ୍ଦ୍ର କୁମାର ପ୍ରଧାନ ମଂଚ ପରିଚାଳନା କରିଥିଲେ । ସୁପ୍ରଭା ମଞ୍ଜରୀ ନାଥ ବାର୍ଷିକ ବିବରଣୀ ପାଠ କରିଥିଲେ, । କୃତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଗଗନ ବିହାରୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେପୂର୍ବତନ ଏସଏମସି ଚେୟାର ପର୍ସନ ସର୍ବେଶ୍ୱର ରାଉତ ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଅଭିଭାବକ ମଣ୍ଡଳୀ ସହଯୋଗ କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରାସଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ଆଦି ପରିବେଷଣ କରାଯାଇଥିଲା ।

ଓଡ଼ିଆ ପକ୍ଷ ୨୦୨୬, ଲୋକକଳା ପାଇଁ ଦିନଟିଏ

ପାପଡାହାଣ୍ଡି, ୧୦/୦୪(ଆ.ପ୍ର) : ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ୧୦ ଏପ୍ରିଲ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ବ୍ଲକ ସ୍ତରୀୟ ଲୋକକଳା ସଂସ୍କୃତି ସଂଘ କର୍ମକର୍ତାଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧନା ଏବଂ ଉତ୍ସାହିତ କରାଯାଇଛି । ଆମ ଲୋକକଳା ଆମର ସ୍ୱାଭିମାନ -ଶିଳ୍ପୀ କଳାକାରଙ୍କୁ କରେ ଗରୀୟାନ । ଆମ ମାଟିର କଳା ଓ କଳାକାରଙ୍କୁ ଉତ୍ସାହିତ କରିବା ଏବଂ ଓଡ଼ିଆ ଅସ୍ମିତାର ଏହି ମହାପର୍ବର ଅଂଶ ହେବା ଏହି ସ୍ଲୋଗାନ ନେଇ ଅନୁଷ୍ଠିତ ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାପଡାହାଣ୍ଡି ପଂଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କଳାକାର ନାରାୟଣ ଚନ୍ଦ୍ର ଗୁରୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ବ୍ଲକ କଳା ସାଂସ୍କୃତିକ ସଂଘ ଉପସଭାପତି ପବିତ୍ର ନାୟକ, ବିଏସଏଓ ସୁବ୍ରତ କିସାନ, କଳାକାର ତଥା ଶିକ୍ଷକ ସୁଦାମ ସେଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କୁ ଏହି ଅବସରରେ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଉତରୀୟ ଦେଇ ସଂମ୍ମାନିତ ଏବଂ ଉତ୍ସାହିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଶିକ୍ଷକ ସୁଦାମ ସେଠି ମଂଚ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

୯୫ ଲିଟର ଦେଶୀ ମଦ ସହିତ ଦୁଇ ଗିରଫ୍

ଟାଙ୍ଗୀ ଚୌଦ୍ୱାର, ୧୦/୦୪(ଆ.ପ୍ର) : ଅବକାରୀ ସୁପରିଂଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଗୁରୁଜଙ୍ଗ, ମାଧପୁର, ଭରତପୁର ଆଦି ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ୍ କରିଛି । ଏହି ଚଢ଼ାଉରେ ୯୫ ଲିଟର ଦେଶୀ ମହୁଲି ମଦ ସହିତ ୨ ଜଣ ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର କହିଛନ୍ତି । ଏହି ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନାର ଇନସ୍ପେକଟର ଭକ୍ତ୍ରପ୍ରଭ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଳ, ଲକ୍ଷ୍ମଣ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଭିକ୍ଷ ଆସାମୀ ମାନଙ୍କର ନାମ ଯଥାକ୍ରମେ ଭରତପୁରର ଦୀପକ ମଲିକ ଓ ମାଧପୁରର କାହ୍ନୁ ବେହେରା ବୋଲି ଜଣାପଡିଛି ।

ଓଡ଼ିଆ ପକ୍ଷ ୨୦୨୬ ଅବସରରେ ୧୦ମ ଦିନରେ 'ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ'

ପାରଳାଖେମୁଣ୍ଡି, ୧୦/୦୪(ଆ.ପ୍ର) : ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚଳିତ ମାସ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳିତ ହେଉଛି ଓଡ଼ିଆ ପକ୍ଷ ୨୦୨୬ । ଏହି ଓଡ଼ିଆ ପକ୍ଷ ୨୦୨୬ ପାଳନର ୧୦ ମ ଦିନରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପୌର ପରିଷଦ ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ । ପାରଳା ପୌର ଅଧ୍ୟକ୍ଷା ନିର୍ମଳା ସେଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କଳାକୁ ବୃତି ଭାବେ ଗ୍ରହଣ କରି ଯେଉଁ କଳାକାର ମାନେ ଲୋକ କଳା ଓ ସଂସ୍କୃତିକୁ ବଂଚାଇ ରଖିଛନ୍ତି, ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଅନ୍ୟପକ୍ଷରେ ଆମ କଳା ଆମ ପରିଚୟ, ତାକୁ ପ୍ରାଧାନ୍ୟ ଦେଇ ଏଭଳି କାର୍ଯ୍ୟକ୍ରମ କରାଯିବା ମୁଖ୍ୟ ଆଭିମୁଖ୍ୟ ରହିଛି ବୋଲି କହିଥିଲେ । ପାରଳା ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଲୋକକଳା ଓ ଲୋକ ସଂସ୍କୃତିକୁ ଜୀବିତ କରି ରଖିଥିବା ୬ ଜଣ ବରିଷ୍ଠ କଳାକାରଙ୍କୁ ପୌର ପରିଷଦ ପକ୍ଷରୁ ଉତ୍ସାହିତ କରି ଉପଢୌକନ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ପାରଳା ବିଧାୟକ ରୁପେଶ କୁମାର ପାଣିଗ୍ରାହୀ କହିଥିଲେ ଯେ, ପାରଳାଖେମୁଣ୍ଡି ସହର କଳା ଓ ସଂସ୍କୃତିର ଭଣ୍ଡାର । ଏଠି ସାହି ସାହିରେ କଳା ସଂସ୍କୃତିକୁ ପ୍ରାୟ ସବୁ ଘରେ ପାଇବେ । ଶିଙ୍ଘ କାମ , ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଏଭଳି ବିଭିନ୍ନ କ୍ଷେତ୍ରରେ ପାରଳାଖେମୁଣ୍ଡି ନାମ ଅର୍ଜନ କରିଆସିଛି । ପାରଳା ମହାରାଜା ମଧ୍ୟ ଏ ସବୁକୁ ଉତ୍ସାହିତ କରି ଆସୁଥିଲେ । ଆଗାମୀ ପିଢ଼ି ମଧ୍ୟ ତାଙ୍କ ପାଖରୁ ସମସ୍ତେ ଉତ୍ସାହିତ ହୋଇ ପାରଳାର କଳା ସଂସ୍କୃତିକୁ ବଜାୟ ରଖିବାକୁ ହେବ ବୋଲି କହିଥିଲେ । ଯୋଗଦେଇଥିବା ବରିଷ୍ଠ କଳାକାର ମାନେ ହେଲେ :- କଣ୍ଠଶିଳ୍ପୀ ନୃସିଂହ ପ୍ରସାଦ ପାତ୍ରୀ, ମଂଚ ଅଭିନେତା ନୃସିଂହ ଚରଣ ପଟ୍ଟନାୟକ, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ରଘୁନାଥ ପାତ୍ର, ମଂଚ ନିର୍ଦ୍ଦେଶକ ଦେବେନ୍ଦ୍ର ଦାସ, ନୃତ୍ୟ ନିର୍ଦ୍ଦେଶକ ଭି: ହେମଗିରି, ପାଇକ ଆଖଡ଼ାରେ କଳାକର ତିରୁପତି ପାତ୍ର ପ୍ରମୁଖ କଳାକାର ମାନଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା । ଏହି ଲୋକ କଳା ଦିନଟିଏ କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ , ପୌର ପରିଷଦ ଉପାଧ୍ୟକ୍ଷ ଲେଙ୍କା ମଧୁ , ସାଂସଦ ପ୍ରତିନିଧି ଆଦର୍ଶ ଦାସଙ୍କ ସମେତ ସମସ୍ତ ପୌର ପରିଷଦ ୱାର୍ଡ ସଭ୍ୟ ସଭ୍ୟା ଓ ଅଧିକାରୀ ଓ କର୍ମଚାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟର ସଦଭାବନା ଗୃହ ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ

ରାୟଗଡ଼ା /କଲ୍ୟାଣସିଂହପୁର, ୧୦/୦୪(ଆ.ପ୍ର) : ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ଦିବସ (୧ ଏପ୍ରିଲ) ଠାରୁ ମହାବିଷୁବ ସଂକ୍ରାନ୍ତି (୧୪ ଏପ୍ରିଲ) ପର୍ଯ୍ୟନ୍ତ ସମୟକୁ 'ଓଡିଆ ପକ୍ଷ ୨୦୨୬' ଭାବେ ପାଳନ ଅବସରରେ ତା ୧୦.୦୪.୨୦୨୬ ରିଖ ରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟର ସଦଭାବନା ଗୃହ ଠାରେ ଲୋକକଳା ପାଇଁ ଦିନ ଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ମୁଖ୍ୟତଃ ପାରମ୍ପରିକ ଲୋକକଳାର ପ୍ରଚାର ପ୍ରସାର ସହ ଏହାର ପୁନରୁଦ୍ଧାର ଓ ସଂରକ୍ଷଣ କରିବା ଏବଂ ଏହା ସହ ଲୋକକଳା କଳାକାରଙ୍କ ଆର୍ଥିକ ଅଭିବୃଦ୍ଧି କରି ସ୍ୱାବଲମ୍ବୀ କରିବା ଏହି କ୍ରମରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନର ସହଯୋଗରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କଲ୍ୟାଣସିଂହପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ତଥା ବ୍ଲକ୍ କଳା ସଂସ୍କୃତି ସଂଘ ର ସଭାପତି ମନିଷା ଦାସ ଉପସ୍ଥିତ ରହି ଥିବା ବେଳେ ସମ୍ମାନିତ ଅତିଥି ଭାବେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବଙ୍ଗାଳି, ସେକ୍ସନ ଅଫିସର୍ ବବିତା ପଣ୍ଡା , ବି ପି ସି ରାଜୀବ ପାତ୍ରୀ, ସାମାଜିକ ସୁରକ୍ଷା ଅଧିକାରୀ ତଥା ବ୍ଲକ କଳା ସଂସ୍କୃତି ସଂଘ ସମ୍ପାଦକ ବିଶ୍ୱଜିତ୍ ସିଂ ସାମନ୍ତ, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବସ୍ତା ମଂଚାସିନ ରହିଥିଲେ । ଏହି କାର୍ଯ୍ୟକ୍ରମ ରେ କଲ୍ୟାଣସିଂହପୁର ବ୍ଲକ୍ ର ବିଭିନ୍ନ ପଂଚାୟତ ଯଥା ବୁଢ଼ାଗୁଡ଼ା ଗ୍ରାମ ପଂଚାୟତର ବରିଷ୍ଠ ଲୋକକଳା କଳାକାର ସୁକା କାହ୍ରାକା , ମହେଶ୍ୱର ଗାଁଂଟା , ପୂଜାରୀଗୁଡ଼ା ପଂଚାୟତର ସୁରେଶ ବିଡ଼ିକା , ଧାମୁଣିପଙ୍ଗା ପଂଚାୟତର ଡିଭ କାହ୍ରାକା, ନିଲାସିଂହ କାହ୍ରାକା, ପାରସାଲି ପଂଚାୟତର ବିଶ୍ୱନାଥ ମାଣ୍ଡିକା, ସେରିଗୁମ୍ମା ପଂଚାୟତର ରମେଶ ଦଳପତି, ଇନ୍ଦ୍ରଜିତ ସାହୁ, ରୁକ୍ମଣୀ କୁଳିସିକା, ଦାନାମଣି କୁଳିସିକା, ସୁନାଖଣ୍ଡି ପଂଚାୟତର ସଞ୍ଜୟ କୁଳିସିକା, କରପା ପଂଚାୟତର ନରେନ୍ଦ୍ର ଗଣ୍ଡିଆ , ନାରାୟଣପୁର ପଂଚାୟତର ତିଆକା ନିତି, ସାବିତ୍ରୀ ତିଆକାଙ୍କୁ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧିତ କରିଥଲେ । ଉକ୍ତ କାର୍ଯ୍ୟକ୍ରମ କୁ ବ୍ଲକ୍ କର୍ମଚାରୀ ବିଶେଷ ସହଯୋଗ କରିଥିଲେ ।

ଏପ୍ରିଲ ୧୦: 'କଳାକାରଙ୍କ ପାଇଁ ଦିନଟିଏ' ଲୋକକଳା ଦିବସ ଉପଲକ୍ଷେ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ

ଧାମନଗର, ୧୦/୦୪(ଆ.ପ୍ର) : ଧାମନଗର ପଂଚାୟତ ସମିତି ସଭାଗୃହ ପରିସରରେ ଲୋକକଳା ଦିବସ ଉପଲକ୍ଷେ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ ଦିଆଯାଇଛି । ଏହି ଅବସରରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସାହ ଓ ଗରିମାର ସହ ପାଳନ କରାଯାଇଛି । ଓଡ଼ିଶାରେ ହଜିଯାଉଥିବା ସମୃଦ୍ଧ ଲୋକକଳାର ସୁରକ୍ଷା ଓ ପ୍ରଚାରକୁ ଲକ୍ଷ୍ୟ କରି ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ ଏହି ଦିବସ ପାଳନ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଆଶୋକ ପ୍ରଧାଣ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଅତିରିକ୍ତ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶର୍ମିଷ୍ଠା ମଲ୍ଲିକ ଓ ବ୍ଲକର ବିଭାଗୀୟ ସହକାରୀ ଅଧିକାରୀ (ଏପିଓ) ପୀୟୁଷ ରଞ୍ଜନ ରାଉତ କାର୍ଯ୍ୟକ୍ରମ ର ଉଦେଶ୍ୟ ଜ୍ଞାପନ କରି ବିଭିନ୍ନ ପଂଚାୟତର ୧୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧିତ କଳାକାରମାନେ ହେଲେ ରମାକାନ୍ତ ମାଝୀ, ରମାକାନ୍ତ ବେହେରା, ସନ୍ତୋଷ ପଲାଇ, ଦେବାନନ୍ଦ ସାହୁ,ବସନ୍ତ ବେହେରା, ସରପଂଚ ପ୍ରିତମ ଦାସ,ଶରତ ସୁତାର, ପ୍ରତାପ ନାୟକ ଓ ରତ୍ନାକର ସାହୁ ପ୍ରମୁଖ ରାଜ୍ୟର ହଜିଯାଉଥିବା ଲୋକକଳା ତଥା ବାଦିପାଲା, ଦାସକଠିଆ, ରାମଲୀଳା, ସାଖୀନାଚ, ସଙ୍କୀର୍ତନ ପରମ୍ପରାକୁ ଜୀବନ୍ତ ରଖିଥିବା କଳାକାରମାନଙ୍କୁ ଏହି ଦିନରେ ବିଶେଷ ସମ୍ମାନ ଦିଆଯାଇଛି । ଗ୍ରାମ ଓ ବ୍ଲକ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଭିନ୍ନ ସଭା,ସମ୍ବର୍ଦ୍ଧନା ଓ ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାକାରମାନଙ୍କ ଅବଦାନକୁ ସ୍ୱୀକୃତି ମିଳିଛି । ଓଡ଼ିଆ ପକ୍ଷର ଏହି ବିଶେଷ ଦିନ ମାତ୍ର ଉତ୍ସବ ନୁହେଁ,ବରଂ ନୂତନ ପିଢ଼ୀଙ୍କୁ ନିଜ ମୂଳ ସଂସ୍କୃତି ସହିତ ଯୋଡ଼ିବାର ଏକ ସଚେତନତା ଅଭିଯାନ । ଶେଷରେ ସମସ୍ତ କଳାକାର ମାନଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

ସେଇଠୁ
ଆରମ୍ଭ
SEITHO ARAMBHA
ଶନିବାର, ୧୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଉତ୍କଳ କଳାକାର ମହାସଂଘର ଗଜପତି ଜିଲ୍ଲା ଶାଖା କର୍ମକର୍ତ୍ତା ଚୟନ

ପାରଳାଖେମୁଣ୍ଡି, ୧୦/୦୪(ଆ.ପ୍ର) : ଉତ୍କଳ କଳାକାର ମହାସଂଘର ସଭାପତି କୈଳାଶ ଚନ୍ଦ୍ର ନାଏକଂକ ଅନୁମୋଦନ କ୍ରମେ ଗଜପତି ଜିଲ୍ଲା ଶାଖାର କର୍ମକର୍ତ୍ତା ଚୟନ ହୋଇଯାଇଛି । ଏଥିରେ ମହିଳା ସମାଜସେବୀ ତନୁଜା ଶତପଥୀ ସଭାନେତ୍ରୀ ଏବଂ କବି ଚିଦିବ୍ରାନନ୍ଦ ବେହେର୍ତ୍ତା ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରୂପେ ଲୋକନାଥ ମିଶ୍ର : ଉପଦେଷ୍ଟା ଭାବେ ଡ.ନରସିଂହ ଗୌଡ,ଡ. ଭାରତୀ ପାଣିଗ୍ରାହୀ, ପ୍ରମୋଦ ଚନ୍ଦ୍ର ପାଢ଼ୀ, ଲିଂଗରାଜ ପାଣିଗ୍ରାହୀ: କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ କୁମାର ଗନ୍ତାଏତ, ଆଇନ ପରାମର୍ଶଦାତା ଭାବେ ରାଜେଶ କୁମାର ପାତ୍ର, ମିଡିଆ ପରାମର୍ଶଦାତା ଭାବେ ଭାଗବତ ପାଢ଼ୀ, ସାଂସ୍କୃତିକ ସମ୍ପାଦକ ଭାବେ ମୁରଲୀଧର ପରିଛା, ସହକାରୀ ସାଂସ୍କୃତିକ ସମ୍ପାଦିକା ଭାବେ ଅରୁଣା ପଟ୍ଟନାୟକ ମନୋନୀତ ହୋଇଛନ୍ତି । ସମସ୍ତେ ନିଜର କର୍ମକ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଛନ୍ତି । ଏମାନଙ୍କ ମନୋନୟନ ପାଇଁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଅସ୍ତରଙ୍ଗ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ

ଅସ୍ତରଙ୍ଗ, ୧୦/୦୪(ଆ.ପ୍ର) : ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକରେ ଆଜି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ବ୍ଲକ ଅଂଚଳର ଅନେକ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ । ଶିବିରରେ ଭିନ୍ନକ୍ଷମମାନଙ୍କ ପାଇଁ ନିଶୁଳ୍କ ଚିକିତ୍ସା ପରୀକ୍ଷା ଏବଂ ଆବଶ୍ୟକ ଉପକରଣ ବଂଟନ କରାଯାଇଥିଲା । ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ତାଙ୍କୁ ପ୍ରୟୋଜନୀୟ ପରାମର୍ଶ ଦେଇଥିଲେ । ଶାରୀରିକ ଚିକିତ୍ସା ଓ ପୁନର୍ବାସନ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡ.ସୁଶୀଲ କୁମାର ନାୟକ,ବରିଷ୍ଠ ଭେଷଜ ବିଶେଷଜ୍ଞ ଓ ନ୍ୟୁରୋଲୋଜି ବିଭାଗର ଡାକ୍ତର ଶାନ୍ତନୁ କୁମାର ଜେନା,ଅସ୍ଥିଶଲ୍ୟ ବିଭାଗର ସ୍ପେଶାଲିଷ୍ଟ ଡ.ଚନ୍ଦ୍ରଶେଖର ମହାପାତ୍ର,କର୍ଣ୍ଣ, ନାସା ଓ ଗଳା ବିଭାଗର ବିଶେଷଜ୍ଞ ଡ୍.ରବୀନ୍ଦ୍ର କୁମାର ଘଡେଇ ,ଚକ୍ଷୁ ବିଶେଷଜ୍ଞ ଡ.ଶୁଭ୍ରାକାନ୍ତୀ ପରାମଗୁରୁ,ମାନସିକ ରୋଗ ବିଶେଷଜ୍ଞ ଡ୍.ସମିତ କୁମାର ପାତ୍ର, ଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ପୁରୀ ଏବଂ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ପୁରୀର କ୍ଲିନିକାଲ ଫିଜିଓ ଥେରାପିଷ୍ଟ ଅର୍ପିତା ସାହୁ, କର୍ଣ୍ଣ ବିଭାଗର ଡ୍. ଚନ୍ଦନ ମହାନ୍ତି ଏବଂ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ । ଅସ୍ଥିଶଲ୍ୟ ବିଭାଗରେ ୩୨ଜଣ , ମେଡ଼ିସିନର ୨ଜଣ, କର୍ଣ୍ଣ, ନାଶା,ଗଳାର ୨୫ଜଣ,ଦୃଷ୍ଟି ବାଧିତରେ ୧୩ଜଣ,ମାନସିକ ବିଭାଗରେ ୮ଜଣ ସର୍ବମୋଟ ୮୦ ଜଣ ବ୍ୟକ୍ତି ପଞ୍ଜିକରଣ କରିଥିଲେ । ଏହି ଶିବିର ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ସରକାରୀ ଯୋଜନାର ସୁବିଧା ସହଜରେ ପହଂଚାଇବା ଲକ୍ଷ୍ୟ ରହିଥିବା ସୂଚନା ମିଳିଛି । ଶିବିରରେ ବ୍ଲକ ପ୍ରଶାସନର ଅଧିକାରୀମାନେ ଓ ସ୍ଥାନୀୟ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନେ ଏପରି ପ୍ରୟାସକୁ ସ୍ୱାଗତ କରିଥିବା ବେଳେ, ଏହା ଭିନ୍ନକ୍ଷମ ମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି ଆଶା ପ୍ରକାଶ କରିଛନ୍ତି ।

ରାମରଜା ଭସାଣୀକୁ ନେଇ ଉପୁଜିଥିବା ସାମ୍ପ୍ରଦାୟିକ ଗଣ୍ଡଗୋଳର ସ୍ଥାୟୀ ସମାଧାନ

ଯାଜପୁର, ୧୦/୦୪(ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଂଚାୟତ ସାନ କୁଆଁଳା ଗ୍ରାମରେ ଗତ ତା ୨୯/୦୩ରେ ରାମରଜା ଠାକୁରଙ୍କ ଭସାଣୀ ସମୟରେ ସମୟରେ ଅବିର ଖେଳକୁ ନେଇ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଉପୁଜିଥିବା ବିବାଦର ସ୍ଥାୟୀ ସମାଧାନ ହୋଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଗତ ତା ୦୯/୦୪ ରିଖ ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତିଲକ୍ଷ୍ମୀ କାନୁନଗୋଙ୍କ ଅଧ୍ୟକ୍ଷତାରେ ସଦର ଥାନାରେ ଉଭୟ ପକ୍ଷରୁ ମୁରବି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଶ୍ରୀ କାନୁନଗୋଙ୍କ ବ୍ୟତୀତ ଆରକ୍ଷୀ ଅଧିକ୍ଷକ (ମୁଖ୍ୟାଳୟ) ରତିକାନ୍ତ ଗିରି,ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ସଦର ଥାନା ଅଧିକାରୀଣୀ ଚିନ୍ମୟୀ ବେହେରାଙ୍କ ଉପସ୍ଥିତିରେ ସମାଜସେବୀ ବ୍ରଜକିଶୋର ପାଢ଼ୀ, ବରୁଆଁ ସରପଂଚ, ଜମଧର ସରପଂଚ ବାଦଲ ଖୁଂଟିଆ, ଶାମଦାସ ପୁର ସରପଂଚ ଓ ଉଭୟ ପକ୍ଷର ମୁରବୀ ନନ୍ଦ କିଶୋର ସାହୁ, ଗଦାଧର ଦାସ,ବ୍ରହ୍ମାନନ୍ଦ ନାୟକ, ନଟବର ବେହେରା, ଜିତେନ୍ଦ୍ର ବିଶ୍ୱାଳ,ଉତମ ସାହୁ, ସତ୍ୟବ୍ରତ ଦାସ, ରଶ୍ମି ରଞ୍ଜନ ମହାନ୍ତି, କରୁଣାକର ବିଶ୍ୱାଳ, ସେକ ଗୋଲାମ ଅଲ୍ଲି, ସେକ୍ ଫିରୋଜ ବାଦଶାହା, ସେକ୍ ଜଲିଲ୍, ସେକ୍ ସମସେର,ମିର୍ଜା ମୁସ୍ତାକ ବେଗ୍, ସେକ୍ କାସିମ୍, ସେକ୍ ଅବୁ ଯହୁର,ମହମ୍ମଦ ଜୁବେର ପ୍ରମୁଖ ବସି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଭେଦଭାବ ଭୁଲି ଉଭୟ ପକ୍ଷଙ୍କ ମଧ୍ୟରେ ସଦଭାବ ଓ ପୂର୍ବ ଭଳି ଭାଇଚାରା ବଜାୟ ରଖିବାକୁ ଉଭୟପକ୍ଷ ସମ୍ମତି ପ୍ରଦାନ କରିଥିଲେ । ଏବଂ ଶୃଙ୍ଖଳା ଦୃଷ୍ଟିରୁ ଉଭୟ ସମ୍ପ୍ରଦାୟର ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ପର୍ବ ପର୍ବାଣୀ ସମୟରେ ଅନୁଷ୍ଠିତ ହେଉଥିବା ଶୋଭାଯାତ୍ରାରେ ଦ୍ୱାକବାଜି ଯନ୍ତ୍ର ବ୍ୟବହାର ଉପରେ କଟକଣା ମୁକ୍ତ ହେବ, ଉଭୟ ପକ୍ଷର ଧାର୍ମିକ ଭାବନାକୁ କେହି ଅସମ୍ମାନ ବା ଆକ୍ଷେପ କରି ପାରିବେନି । ନିଜ ଯାଗାରେ ଆବଦ୍ଧ କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଜି ଆୟୋଜନ କରିବେ । ଏହି ଘଟଣାରେ ଉଭୟ ପକ୍ଷର କ୍ଷୟ କ୍ଷତିକୁ ଉପସ୍ଥିତ ଥିବା ସରପଂଚ ମାନେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ । ଶେଷରେ ଏହି ଘଟଣାର ସମାଧାନ କରିବାରେ ଉପସ୍ଥିତ ମୁରବି ମାନଙ୍କୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କାନୁନଗୋ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ୍ ଜଣାଇବା ସହ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।

ଭୂଷଣ୍ଡେଶ୍ୱର ମହାଦେବଙ୍କ ଚଡ଼କ ମେଳାର ଚତୁର୍ଥ ଅର୍ଘ୍ୟ ସମାପନ

ଭୋଗରାଇ, ୧୦/୦୪(ଆ.ପ୍ର) : ଭୋଗରାଇ ବ୍ଲକ କୁମ୍ଭାରଗଡ଼ି ପଂଚାୟତରେ ଅବସ୍ଥିତ ଏସିଆର ସର୍ବବୃହତ ଶିବ ଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମହାଦେବଙ୍କ ଚଡ଼କ ପର୍ବର ଚତୁର୍ଥ ଅର୍ଘ୍ୟ ସମାପନ ହୋଇଛି । ସନ୍ଧ୍ୟା ସୁଦ୍ଧା ପ୍ରାୟ ୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ହରିବୋଲ ଧ୍ୱନିରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇଥିଲା । ରଙ୍ଗୀନ ଆଲୋକମାଳାରେ ମନ୍ଦିର ସହିତ ପାର୍ଶ୍ୱବର୍ତ୍ତୀ ଅଂଚଳ ଝଲସୁଛି । ସନ୍ଧ୍ୟାରେ ଭୂଷଣ୍ଡେଶ୍ୱର ମହାଦେବଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ପାଟଭକ୍ତ ନାରାୟଣ ସାହୁ ଓ ବେଜତି ହରେନ୍ଦ୍ର ବାରିକ ସମସ୍ତ ଉପବୀତ ଧାରୀ ମାନଙ୍କୁ ଅର୍ଘ୍ୟ ପାଣି ପ୍ରଦାନ କରିଥିଲେ । ଏହି ଚଡ଼କ ମେଳାରେ ଚତୁର୍ଥ ଅର୍ଘ୍ୟ ସୁଦ୍ଧା ପ୍ରାୟ ୫ ହଜାର ଉପବୀତ ଧାରୀଙ୍କ ସଂଖ୍ୟା ଛୁଇଁଛି । ଏହାଛଡ଼ା ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ସୂର୍ଯ୍ୟ କୁମାର ନାୟକ, ରବେନ୍ଦ୍ର ସାହୁ, ରାଜେଶ ପରିଡ଼ା, ସୁଶାନ୍ତ ପଟ୍ଟନାୟକ, ରତନ ବାଗ, ସୁବାଷ ମଣ୍ଡଳ, ସୁଜିତ୍ ମହାନ୍ତି, ସୂର୍ଯ୍ୟକାନ୍ତ ସାହୁ, ରଞ୍ଜନ ମଣ୍ଡଳ, ଜିତେନ୍ଦ୍ର ମଣ୍ଡଳ, ଦିବ୍ୟ ଖଟୁଆ, ବାଗମ୍ବର ଖଟୁଆ ମେଳା ସୁପରିଚାଳନାରେ ସହଯୋଗ କରିଥିଲେ ।

ସୁରକ୍ଷିତ ନାରୀ ଓ ସମୃଦ୍ଧ ସମାଜ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୦/୦୪(ଆ.ପ୍ର) : ଗଜପତି ଜିଲ୍ଲା ରାମଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ 'ସୁରକ୍ଷିତ ନାରୀ ଓ ସମୃଦ୍ଧ ସମାଜ' ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଆର୍.ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁ ଆଇପିଏସ୍ ମୁଖ୍ୟ ଅତିଥି, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାଏକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରମୋଦ କୁମାର ରାଉଳ ଏବଂ ମହିଳା ସମାଜସେବୀ ନିର୍ମଳା ପଟ୍ଟନାୟକ ମଂଚାସୀନ ଥିଲେ । ଅତିଥି ମାନେ ଘରୋଇ ହିଂସା, ଯୌତୁକଜନିତ ଅତ୍ୟାଚାର, ବାଲ୍ୟବିବାହ, ଅନ୍ଧବିଶ୍ୱାସ ଓ ପୋକ୍ସୋ ଆଇନ ଉପରେ ନିଜର ମନ୍ତବ୍ୟ ରଖିଥିଲେ । ଏହାସହ ଆଇନଗତ ରୂପରେଖ ଉପରେ ପ୍ରାଂଜଳ ଭାବେ ବୁଝାଇଥିଲେ । ପୋଲିସ ସହ ସମ୍ପର୍କ ରଖିବାପାଇଁ ବିଭିନ୍ନ ଯୋଗାଯୋଗ ନମ୍ବର ଦିଆଯାଇଥିଲା । ପ୍ରାରମ୍ଭରେ ଏକ ମହିଳା ସଚେତନତା ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ଏହାପରେ ସମସ୍ତ ଅଂଶଗ୍ରହଣକାରୀ ମାନେ ନିଜର ସ୍ୱାଭିମାନ ଓ ଅଧିକାର ବଜାୟ ରଖିବା, ନାରୀମାନଙ୍କ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ହେଲେ ସ୍ୱରୋତ୍ତଳନ କରିବା, ନାରୀମାନଙ୍କ ମଧ୍ୟରେ ଏକତାକୁ ସୁଦୃଢ଼ କରିବା ତଥା ସଶକ୍ତିକରଣ ଦିଗରେ ନିଜକୁ ଆଗେଇନେବା ସମ୍ପର୍କରେ ଶପଥ ନେଇଥିଲେ । ଏଥିରେ ପାଖାପାଖି ଅଂଚଳର ମହିଳାମାନେ ଅଂଶଗ୍ରହଣ କରିଥିଲେ ।

ବାହାରଣା ପଂଚାୟତରେ ଉଦ୍ୟାନ କୃଷି କର୍ମଶାଳା

ନିମାପଡା, ୧୦/୦୪(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ବାହାରଣା ପଂଚାୟତରେ ନିମାପଡା ଉଦ୍ୟାନ କୃଷି ବିଭାଗ ଅଧିକାରୀଣି ଶୁଭଶ୍ରୀ କରଙ୍କ ନେତୃତ୍ୱରେ ଏକ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟ ବକ୍ତା ଭାବେ ନିମାପଡ଼ା ଉଦ୍ୟାନ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟ ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ପଂଚାୟତ ବିଜେପି ସଭାପତି ବ୍ରଜକିଶୋର ନାୟକ, ସଫଳ ମହିଳା ମହୁ ଚାଷୀ ବର୍ଷା ପ୍ରିୟ ଦର୍ଶିନୀ ନାଥ, ଜୈବିକ କୃଷି ବିଶେଷଜ୍ଞ ସମୀର ବାରିକ, ବିଜେପି ନେତା ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶିବିରକୁ ଆରଂମ୍ଭ କରିଥିଲେ । ଏହି ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଆରଂମ୍ଭ ହୋଇଥିବା ବେଳେ ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ପଂଚାୟତରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ସ୍ତରରୁ କିଭଳି ଭାବେ ସାଧାରଣ ମହିଳାମାନେ ଉଦ୍ୟାନ ବିଭାଗ ଦ୍ୱାରା ଉନ୍ନତ ମାନର ଚାଷ କରି ନିଜେ ରୋଜଗାରକ୍ଷମ କିଭଳି ହୋଇପାରିବ ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ବୋଲି ଉଦ୍ୟାନ କୃଷି ଅଧିକାରୀ କହିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଦ୍ୟାନ ସାଥି ମନୋଜ କୁମାର ସ୍ୱାଇଁ, ଉଦ୍ୟାନ ବିଭାଗ ସନମ୍ର ଶାରଣ ଅଧିକାରୀଣି ସିଲଭା ନାୟକ, ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଅଧି ଦର୍ଶକ କୁଳମଣି ମହାରଣା ସହଯୋଗ କରିଥିବା ବେଳେ ବାହାରଣା ପଂଚାୟତର ସୁରକ୍ଷା -୨୮ ମିଶନ ଶକ୍ତିର ସଦସ୍ୟା ଓ ଶତାଧିକ ମହିଳା ଯୋଗଦେଇଥିଲେ ।

ବଂଚୋ ଗ୍ରାମରେ ସମାଜସେବୀ ଜତିନ୍ଦ୍ର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ହାଟଡିହି, ୧୦/୦୪(ଆ.ପ୍ର) : ବଂଚୋ ଗ୍ରାମର ସମାଜସେବୀ ଓ ପୂର୍ବତନ ଶ୍ରୀରାମ କମିଟି ର ଅଧକ୍ଷ ଜତିନ୍ଦ୍ର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ଅଂଚଳର ବହୁ ରାଜନୈତିକ ନେତା, ସମାଜସେବୀ, ଓ ମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ବିଶ୍ୱାଳ ତାଙ୍କ ସାରା ଜୀବନ ସମାଜସେବାରେ ନିଯୁକ୍ତ ରହିଥିବାରୁ ସ୍ଥାନୀୟ ଲୋକମାନଙ୍କ ମନରେ ସେ ଏକ ଅଲଗା ସ୍ଥାନ ଅଧିକାର କରିଥିଲେ । ତାଙ୍କର ଅନୁପସ୍ଥିତିକୁ ଆଜିଯାଏ ଅଂଚଳବାସୀ ଗଭୀରଭାବେ ଅନୁଭବ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ତାଙ୍କ ପୁଅ ପ୍ରଭାତ ବିଶ୍ୱାଳ ଓ ପ୍ରକାଶ ବିଶ୍ୱାଳ ସହ ପରିବାର ସଦସ୍ୟମାନେ ସମେତ ବଂଚୋ ସରପଂଚ ପ୍ରଶାନ୍ତ ରାଉତ, ହଟାଡିହି ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସୁଧାଂଶୁ ରାଉତ, ମାର୍କଣ୍ଡ ଓଝା, ଶଶାଙ୍କ ଶେଖର ପ୍ରଧାନ, ବିନୋଦ ବିହାରି ବରାଳ ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ ।ସମସ୍ତେ ମିଶି ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ । ତାଙ୍କ ଆଦର୍ଶ ଓ ସେବାମୂଳକ କାର୍ଯ୍ୟ ଆଗାମୀ ପିଢ଼ୀ ପାଇଁ ପ୍ରେରଣା ହେବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ ।

୯ ମାସରେ ୧୦୦୦ ସୋଲାର ବୋରୱେଲ୍, ୫୦୦୦ ହେକ୍ଟର ଜମିକୁ ସେଚନ ସୁବିଧା

ନୂଆପଡା, ୧୦/୦୪(ଆ.ପ୍ର) : ନୂଆପଡା ଜିଲ୍ଲାରେ ଉଠା ଜଳସେଚନ କ୍ଷେତ୍ରରେ ଚମତ୍କାର ଅଗ୍ରଗତି ଦେଖିବାକୁ ମିଳିଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ପ୍ରକାଶ ପାଇଛି । ଏହି ବୈଠକରେ ଓଡ଼ିଶା ଉଠା ଜଳସେଚନ କର୍ପୋରେସନ (ଓଏଲଆଇସି) ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ଗତିପ୍ରଗତି ଖତିଅନ କରାଯାଇଥିଲା । ଗତ ୯ ମାସ ମଧ୍ୟରେ ଜିଲ୍ଲାରେ ୧୦୦୦ଟି ସୌର ଚାଳିତ ଗଭୀର ନଳକୂପ (ସୋଲାର ବୋରୱେଲ୍) କାର୍ଯ୍ୟକ୍ଷମ କରାଯାଇଛି । ଏହା ଫଳରେ ପ୍ରାୟ ୫୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଜଳସେଚନ ସୁବିଧା ବୃଦ୍ଧି ପାଇବାରୁ କୃଷକମାନେ ପାଣିପରିବା ସହ ବିଭିନ୍ନ ଫସଲ ଚାଷରେ ଆଗ୍ରହ ଦେଖାଇ ଆର୍ଥିକ ଲାଭ ଅର୍ଜନ କରୁଛନ୍ତି । ବ୍ଲକ୍ ଅନୁସାରେ କୋମନା ବ୍ଲକ୍ ?ରେ ସର୍ବାଧିକ ୪୬୭ଟି, ସିନାପାଲିରେ ୨୦୮ଟି, ଖଡିଆଳରେ ୧୫୮ଟି ଏବଂ ବୋଡେନ ବ୍ଲକ୍‌ରେ ୧୬୭ଟି ସୋଲାର ବୋରୱେଲ୍ ସ୍ଥାପନ ସମ୍ପୂର୍ଣ୍ଣ ହୋଇଛି । ଏହାଦ୍ୱାରା ଜିଲ୍ଲାର ବିଶାଳ ଚାଷ ଅଂଚଳ ଜଳସେଚନ ଆବରଣରେ ଆସିପାରିଛି । ଅବଶିଷ୍ଟ ୩୦୫ଟି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଥିବା ବେଳେ ଶୀଘ୍ର କାର୍ଯ୍ୟରତ ହେବାକୁ ଆଶା କରାଯାଉଛି । ବୈଠକରେ ଜିଲ୍ଲାପାଳ ସମସ୍ତ ପ୍ରକଳ୍ପକୁ ଉଚ୍ଚ ଗୁଣବତ୍ତା ସହିତ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଓଏଲଆଇସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ, ଟିପିଡବ୍ଲିଓ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଖ୍ୟାତ ଦେବ ପରିଡା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ବୁଡାଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ

ଲୋକକଳା ପାଇଁ ଦିନଟିଏ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ଚିଲିକା/ବାଣପୁର, ୧୦/୦୪(ଆ.ପ୍ର) : ଆମ ଲୋକକଳା ସମୃଦ୍ଧ । ଏହାର ପ୍ରାଚୀନତା କଳ୍ପନାତୀତ । ଧର୍ମ ଧାରଣା ରୁ ସ୍ପଷ୍ଟ ଆମର ଲୋକକଳା ସମାଜକୁ ମନୋରଂଜନ ଦେବା ସହ ନୈତିକ ଓ ଆଦର୍ଶ ମୂଲ୍ୟବୋଧ ଦେଇ ଆସିଛି । ବିଲୁପ୍ତ ପ୍ରାୟ ଲୋକକଳାକୁ ଉଦ୍ଧାର କରିବାପାଇଁ ଆମକୁ ପ୍ରୟାସ ଜାରି ରଖିବାକୁ ହେବ ବୋଲି ଓଡ଼ିଆ ପକ୍ଷ ୨୦୨୬ ପାଳନର ୧୦ମ ଦିବସରେ ଲୋକକଳା ପାଇଁ ଦିନଟିଏ ଶୀର୍ଷକ ଆଲୋଚନାଚକ୍ରରେ ବାଣପୁର ସ୍ଥିତ ସାହିତ୍ୟ ସିନ୍ଧୁରା ଓ ପରିଡ଼ା ପାଠାଗାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାବେଶରେ ବକ୍ତା ମାନେ ମତପ୍ରକାଶ କରିଛନ୍ତି । ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପରିଡ଼ାଙ୍କ ପ୍ରାରମ୍ଭିକ ସୂଚନା ପରେ ମା' ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରାତନ ପାଲା ସଂସ୍କୃତି ରକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଲଳିତ ମୋହନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଭାଗିରଥି ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ଯୋଗଦେଇ ଓଡ଼ିଆ ଲୋକକଳା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମା ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁ ପ୍ରିୟା ବାରିକଙ୍କ ଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ପାଲା ଗାୟିକା ପ୍ରଜ୍ଞା ପାରମିତା ପଣ୍ଡାଙ୍କ ନିରବଚ୍ଛିନ୍ନ ସାଧନା ପାଇଁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଆଡଭୋକେଟ୍ ଅଶୋକ କୁମାର ପାଇକରାୟଙ୍କୁ ଆଇନଜୀବି ଓ ଭ୍ରମରବର ବେହେରାଙ୍କୁ ସଙ୍କୀର୍ତ୍ତନ ପାଇଁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ପରିଶେଷରେ ସାହିତ୍ୟ ସିନ୍ଧୁରାର ବରିଷ୍ଠ ସଭ୍ୟ ପ୍ରାକ୍ତନ ଶିକ୍ଷକ ଲକ୍ଷ୍ମୀ ଚରଣ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ପନ୍ତା କୁଳିଆ କବି ଦିଗମ୍ବର ବିଶ୍ୱାଳ, ନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ଜାଲି, ଗଣମାଧ୍ୟମ ପ୍ରତିନିଧି ତ୍ରିଲୋଚନ ବାରିକ, ବରିଷ୍ଠ ନାଗରିକ ସଂଘର ସଭାପତି ଡ଼ଃ ଚିନ୍ତାମଣି ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ନୃସିଂହ ଚରଣ ପ୍ରଧାନ, ଗ୍ରାମୀଣ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ଓଡ଼ିଶୀ ନୃତ୍ୟ ଆଚାର୍ଯ୍ୟ ମାଧବ ଚନ୍ଦ୍ର ପଲେଇ, ସଙ୍ଗୀତ ଗୁରୁ କିଶୋର ପ୍ରଧାନ, ଶ୍ରାବଣୀ ଶବର, ରାଜେଶ୍ୱରି ଯାନି, ସମାଜସେବୀ ଅନନ୍ତ ଚରଣ ଖଟେଇ, ନବକିଶୋର ପ୍ରଧାନ,ବିଶ୍ୱନାଥ ଖଟେଇ ବହୁ ବୁଦ୍ଧିଜୀବୀ, କଳା ସଂସ୍କୃତି ପ୍ରେମୀ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୁଇ ଯୁଗ୍ମ ଅନୁଷ୍ଠାନର ସାହିତ୍ୟ, ସଂସ୍କୃତି ପାଇଁ ଉଦ୍ୟମକୁ ସାଧୁବାଦ ଦେଇଥିଲେ ।

ଝାମି ଗ୍ରାମରେ ହେଉଥିବା ମନ୍ଦିର କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

ପାରଳାଖେମୁଣ୍ଡି, ୧୦/୦୪(ଆ.ପ୍ର) : ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଝାମି ଗ୍ରାମ ଠାରେ ବହୁ ପ୍ରତିକ୍ଷୀତ ମା ଠାକୁରାଣୀ ମନ୍ଦିର ନିର୍ମାଣ କରାଯିବା ପାଇଁ ଯୋଜନା କରିଥିଲେ ଗ୍ରାମବାସୀ, ଆର୍ଥିକ ଅସୁବିଧା ପାଇଁ ମନ୍ଦିର ନିର୍ମାଣ ହୋଇପାରିନଥିଲା । କିଛିଦିନ ତଳେ ଗ୍ରାମବାସୀ ଏକତ୍ର ହୋଇ ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ଜଣାଇଥିଲେ । ବିଧାୟକ କିଛିଦିନ ମଧ୍ୟରେ ମାଁ ଠାକୁରାଣୀଙ୍କ ମନ୍ଦିର ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ, ଆଜି ବିଧାୟକ ମନ୍ଦିର ନିର୍ମାଣ କାର୍ଯ୍ୟ କିଭଳି ଚାଲିଛି ସମୀକ୍ଷା କରିଥିଲେ । ଆଜି ବିଧାୟକ ଗ୍ରାମରେ ପହଂଚିବା ପରେ ଗ୍ରାମବାସୀ ବହୁ ଆନନ୍ଦରେ ଭବ୍ୟ ସ୍ୱାଗତ ଜଣାଇଥିଲେ ଓ ଗ୍ରାମର ଥିବା ସମସ୍ତ ସମସ୍ୟା ବିଷୟ ରେ ଅବଗତ କରିଥିଲେ ।

'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୧୦/୦୪(ଆ.ପ୍ର) : ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଓଡ଼ିଆ ପକ୍ଷର ୧୦ମ ଦିନରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଆ ଲୋକ କଳାର ସୁରକ୍ଷା ଓ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରବୋଧ ରଥ, ପୂର୍ବତନ ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ଯୋଗଦେଇ ଲୋକ କଳା ଆମ ସଂସ୍କୃତିର ଅମୂଲ୍ୟ ଧରୋହର ବୋଲି କହିଥିଲେ ଏବଂ ଏହାକୁ ଆଗାମୀ ପିଢ଼ୀଙ୍କ ପାଇଁ ସୁରକ୍ଷିତ ରଖିବାରେ ସମସ୍ତଙ୍କ ସହଭାଗୀତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ଲଲାଟେନ୍ଦୁ ମହାନ୍ତି, ବରିଷ୍ଠ ନାଟ୍ୟକାର, ପ୍ରଫେସର ଅଭୟବିହାରୀ ନାୟକ, ନାଟ୍ୟ ଗୌରବ ଏବଂ ଅବସରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ, ଉତ୍କଳ ବିଶ୍ୱବିଦ୍ୟାଳୟ, ଡ୍. ରାମଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ବାଦଲ ସିକଦାର, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରାପ୍ତ, କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକକଳାର ଐତିହ୍ୟ, ମହତ୍ୱ ଓ ସଂରକ୍ଷଣ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଲୋକକଳାକାରମାନଙ୍କୁ ସମ୍ମାନିତ କରାଯାଇଛି । ଚାଂଦବାଲି, ତିହିଡି, ବନ୍ତ , ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ଓ ବାସୁଦେବପୁର ଅଂଚଳର କଳାକାରମାନେ ଏଥିରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଢୋଲକ ବାଦ୍ୟ ଗୁରୁ ବଂଶୀଧର ବାରିକ୍, ପାଲା ଗାୟକ ଲୋକନାଥ ମିଶ୍ର, ଜୟକୃଷ୍ଣ ପ୍ରଧାନ, ରବୀନ୍ଦ୍ର ବାରିକ୍, ରାଜ କିଶୋର ନାୟକ, ପ୍ରାଣକୃଷ୍ଣ ସାହୁ, ସନାତନ ପୁରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହା ପରେ ପାଲା କଳାକାରମାନେ ନିଜ ନିଜ କଳାର ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ, ଯାହା ଉପସ୍ଥିତ ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ମୁଖ୍ୟ ଭୂମିକା ନିଭାଇଥିଲେ । ଏହି ପ୍ରୟାସ ମାଧ୍ୟମରେ ଲୋକକଳାର ସଂରକ୍ଷଣ ଓ ପ୍ରଚାର-ପ୍ରସାର ସହିତ ନୂତନ ପିଢ଼ୀଙ୍କୁ ଏହି କଳାପ୍ରତି ଆକୃଷ୍ଟ କରିବାରେ ସହାୟତା ମିଳିବ ବୋଲି ଆଶା କରାଯାଉଛି ।

ସେଇଠୁ
ଆରମ୍ଭ
SEITHO ARAMBHA

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଦେୟ କ୍ୟାବିନ ଉଦଘାଟିତ

ଯାଜପୁର, ୧୦/୦୪(ଆ.ପ୍ର) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ରୋଗୀଙ୍କ ସୁବିଧା ପାଇଁ ନବନିର୍ମିତ ଦେୟ କ୍ୟାବିନ ଉଦଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଲୋକାର୍ପିତ କରିଛନ୍ତି । ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି । ତେଣୁ ଗୁଣାତ୍ମକ ଡାକ୍ତରୀ ସେବା ଏବଂ ରୋଗୀଙ୍କ ସୁବିଧା ପାଇଁ ଏଠାରେ ୭ ଟି ସିଙ୍ଗଲ କ୍ୟାବିନ ଏବଂ ୩ ଟି ଟ୍ୱିନ ଫ୍ୟାସିଲିଟି ପେ-କ୍ୟାବିନ ବା ଦେୟ କ୍ୟାବିନ ବ୍ୟବସ୍ଥା ଆରମ୍ଭ ହୋଇଛି । ପ୍ରତ୍ୟେକ କ୍ୟାବିନ ପିଛା ୧୫୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି । ପ୍ରତ୍ୟେକ କ୍ୟାବିନ କକ୍ଷରେ ଦୁଇ ରୁ ତିନିଟି ଶଯ୍ୟା ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଟେଲିଭିଜନ, ଫ୍ୟାନ, ଆଲୋକ ବ୍ୟବସ୍ଥା ସହ ଶୌଚାଳୟ ଆଦି ସୁବିଧା ରହିଛି । ଏହାସହ ପେସେଂଟ କଲିଂ ସିଷ୍ଟମ ମଧ୍ୟ ସ୍ଥାପନ କରାଯାଇଛି । କ୍ୟାବିନ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ କର୍ମଚାରୀ ନିୟୋଜିତ ହେବେ । ଉଦଘାଟନ ପରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେୟ କ୍ୟାବିନ ଉପଲବ୍ଧ ନଥିବା ଯୋଗୁଁ ଅନେକ ଅଭିଯୋଗ ଆସୁଥିଲା । ବର୍ତ୍ତମାନ ନୂତନ କ୍ୟାବିନ ଲୋକାର୍ପିତ ହେବା ପରେ ଏହି ସମସ୍ୟା ଦୂର ହେବ । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଉତ୍ତମ ମାନର ସେବା ପାଇପାରିବେ ବୋଲି ସାଂସଦ କହିଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ ବିଶେଷ କରି ଆଇସିୟୁରୁ ବାହାରୁଥିବା ରୋଗୀ ଏବଂ ସ୍ୱତନ୍ତ୍ର ଡାକ୍ତରୀ ସେବା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ କ୍ୟାବିନର ଡିମାଣ୍ଡ ଥିଲା । ତାହା ଏବେ ପୂରଣ ହେବ । ରୋଗୀଙ୍କ ବୃଦ୍ଧି ସହ ଆଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇଁ ବ୍ୟବସ୍ଥା କରାଯିବ । ଏହାସହ ଡିସେମ୍ବର ସୁଦ୍ଧା ଜିଲ୍ଲାରେ ଡାଏଲିସିସ ଶଯ୍ୟା ବୃଦ୍ଧି ପାଇଁ ମଧ୍ୟ ଯୋଜନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ଅଧ୍ୟକ୍ଷ ମନୋରମା ସ୍ୱାଇଁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ପୁରୁଣାପଡା ଶ୍ମଶାନ ସୁରକ୍ଷା ସମିତି ସଦସ୍ୟଙ୍କୁ ନିର୍ବାହୀ ଅଧିକାରୀଙ୍କ ଦୁର୍ବ୍ୟବହାର

କଳାହାଣ୍ଡି, ୧୦/୦୪(ଆ.ପ୍ର) : ପୁରୁଣାପଡ଼ା ଶ୍ମଶାନ ସୁରକ୍ଷା ସମିତି ତରଫରୁ ଶ୍ମଶାନ ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ନେଇ ଆଜି ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଥିଲେ । ଏହି ଆବେଦନରେ ଶ୍ମଶାନରେ ଏକ ହାଇ ମାଷ୍ଟ ଲାଇଟ୍ ଲଗାଇବାର ବ୍ୟବସ୍ଥା କରିବାକୁ ଉଲ୍ଲେଖ କରାଯାଇଛି । ଏହି ଦାବୀ ପତ୍ର ପ୍ରଦାନ ସମୟରେ ଦୁଃଖିଶ୍ୟାମ ପ୍ରଧାନ, ଲକ୍ଷ୍ମୀନାରାୟଣ ପଣ୍ଡା, ମାନସ ଜେନା, କମ୍ବୁପାଣି ପରିଛା, କାଳିପ୍ରସାଦ ଡାକୁଆ, ସୀତାକାନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଗୋପାଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଗତ କିଛି ଦିନ ପୂର୍ବରୁ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ପୁରୁଣାପଡା ଶ୍ମଶାନରେ ହାଇ ମାଷ୍ଟ ଲାଇଟ୍ ଲଗାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଅଧିକାରୀ ପାଢୀ ସମ୍ମତି ପ୍ରକାଶ କରିଥିଲେ । ଏପରି ସିଧାସଳଖ ଦରଖାସ୍ତ ନ ଦେଇ ନିୟମ ଦୃଷ୍ଟିରୁ କାଉନ୍ସିଲରଙ୍କ ଜରିଆରେ ଦେବାକୁ କହିଥିଲେ । ପୂର୍ବରୁ ହାଇ ମାଷ୍ଟ ଲାଇଟ୍ ଅତି ସହଜରେ ଲାଗିବାର ବ୍ୟବସ୍ଥାକୁ ଅଧିକାରୀ ସ୍ୱୀକାର କରୁଥିଲାବେଳେ ଆଜି ସେହି ବ୍ୟବସ୍ଥାକୁ ଅତି ଜଟିଳ ବୋଲି ପରୋକ୍ଷରେ ପ୍ରକାଶ କରିଥିଲେ । ତେବେ ଅଧିକାରୀଙ୍କ ଏହି ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି, ଏହା ନିଃସନ୍ଦେହ । ଗତ ସୋମବାର ଦିନ ଅଧିକାରୀଙ୍କୁ ସମୟ ମାଗି ଆଜି ସକାଳ ୧୧ ଘଂଟା ସମୟରେ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନ କରିବା ପାଇଁ ସମୟ ନିର୍ଦ୍ଧାରଣ କରିଥିଲେ ମଧ୍ୟ ଦରଖାସ୍ତ ଦେବାକୁ ଆସିଥିବା ପଡାବାସୀଙ୍କୁ ଫେସନ୍ କରନି କହି ଦୁର୍ବ୍ୟବହାର କରିଥିଲେ । ଏହି ଦୁର୍ବ୍ୟବହାରରେ ଉପସ୍ଥିତ ଦରଖାସ୍ତ ପ୍ରଦାନକାରିମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହା ପରେ ଅଧିକାରୀ ପାଢୀ ଏପରି କହି ନାହିଁ କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ଯେ ବୁଦ୍ଧିଜିବୀ ଫୋରମକୁ ଅଧିକାରୀ ଏପରି ଦୁର୍ବ୍ୟବହାର କରି ପାରୁଛନ୍ତି ତେବେ ସାଧାରଣ ବ୍ୟକ୍ତିଙ୍କୁ କିପରି ବ୍ୟବହାର ଦେଉଥିବେ ଏହା ସହଜରେ ଅନୁମେୟ । ନିର୍ବାହୀ ଅଧିକାରୀଙ୍କ ଏହି ଦୁର୍ବ୍ୟବହାର ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି ।

ବୁଦ୍ଧ ମନ୍ଦିରଠାରେ ଛାତ୍ର ବୃତି ସହାୟତା କାର୍ଯ୍ୟକ୍ରମ

ଧର୍ମଗଡ଼, ୧୦/୦୪(ଆ.ପ୍ର) : ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଟଚ ସଂସ୍ଥା ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଶିଶୁମନ୍ଦିରର ଆଚାର୍ଯ୍ୟ, ଆଚାର୍ଯ୍ୟା ମାନଙ୍କୁ ନେଇ ଛାତ୍ର ବୃତି ସହାୟତା କାର୍ଯ୍ୟକ୍ରମ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଭୁବନେଶ୍ୱର ମହାସଚିବ ଡଃ କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଟଚ୍ ବୀମା କ୍ଷେତ୍ରରେ ଦେଶର ବିଭିନ୍ନ କ୍ଷେତ୍ର ଏବଂ ଅଂଚଳର କାର୍ଯ୍ୟ ସହିତ, ଟଚ୍ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଏବଂ ଲାଇଆବିଲିଟି ବୀମତା, ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଜୀବନ ବୀମା, ଶିକ୍ଷା ସହାୟତା ଭଳି କାର୍ଯ୍ୟକ୍ରମ ଚାଲିଅଛି । ଏହି କାର୍ଯ୍ୟକ୍ରମ ରେ ଟଚ ସଂସ୍ଥା ଭୁବନେଶ୍ୱର ଓଡିଶା କ୍ଷେତ୍ରର ପରିଚାଳକ ଅଭିନନ୍ଦନ ଓ ସ୍ୱପ୍ନା, ଦକ୍ଷିଣ ପଶ୍ଚିମ କ୍ଷେତ୍ର ସଭାପତି ରାଧେଶ୍ୟାମ ପଣ୍ଡା, ସଂଯୋଜକ ସନତ ଯୋଶୀ, ଗୌରାଙ୍ଗ ବିଶ୍ୱାଳ, ଯୋଗଦାନ କରି ଛାତ୍ର ବୃତି ସହାୟତା ଚେକ, ପୁସ୍ତକ, ବ୍ୟାଗ ସବୁ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଂସ୍ଥାନ ପରିଚାଳିକା ଆଲୋକପ୍ରଭା ମହାନ୍ତି ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।

ପାତ୍ରପୁର ବ୍ଲକରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାତ୍ରପୁର, ୧୦/୦୪(ଆ.ପ୍ର) : ରାଜ୍ୟ ସରକାରଙ୍କ ତରଫରୁ ଉତ୍କଳ ଦିବସ ଠାରୁ ଆରମ୍ଭ କରି ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ୨୦୨୬ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷ ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାତ୍ରପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମାଧବ ବାଡତ୍ୟା,ସିପି ଦେବାଶିଷ ପ୍ରଧାନ,ଡିଏଲସି ଦିନବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଓଡ଼ିଶାର ବରପୁତ୍ର ମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା ।କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଲୋକ କଳାକାର ଉପସ୍ଥିତ ରହି ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ସମସ୍ତ କଳାକାରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମକୁ ବିଏସଏସଓ ସ୍ନେହାସିସ ପଟ୍ଟନାୟକ ପରିଚାଳନା କରିଥିଲେ ।

ଶିଶୁ ସୁରକ୍ଷା ବ୍ୟବସ୍ଥା ଉପରେ ଶିଶୁ ମଙ୍ଗଳ କମିଟି ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ

ଖୋର୍ଦ୍ଧା, ୧୦/୦୪(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଖୋର୍ଦ୍ଧା ପକ୍ଷରୁ ନୂତନ ଭାବରେ ଯୋଗ ଦେଇଥିବା ଶିଶୁ ମଙ୍ଗଳ ସମିତି ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ପାଇଁ ଶିଶୁ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ସଦଭାବନା ଗୃହରେ ଆୟୋଜିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ଅଧିକାର ସୁରକ୍ଷା, ଜୁଭେନାଇଲ ଜଷ୍ଟିସ ଆଇନ, ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅବହେଳା ନିବାରଣ, ଏବଂ ସଠିକ୍ ପୁନର୍ବାସନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେହେରା କହିଥିଲେ ଯେ, ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷିତ ପରିବେଶ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ଉତ୍ତ ଓ ଉଉଓ କର୍ମକର୍ତ୍ତାମାନେ ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳ ସ୍ତମ୍ଭ ଭାବେ କାର୍ଯ୍ୟ କରନ୍ତି । ଏହି ଅଭିମୁଖୀକରଣରେ କେସ୍ ମ୍ୟାନେଜମେଂଟ, ଶିଶୁଙ୍କ ସହ ମାନବିକ ବ୍ୟବହାର, ଏବଂ ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା ଏବଂ ଅତିରିକ୍ତ ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା ଭୁବନେଶ୍ୱର ର ଅଧ୍ୟକ୍ଷା ଯଥାକ୍ରମେ କାନ୍ତା ମହାନ୍ତି ଏବଂ ମମତା ସାହୁ ଏବଂ ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହିତ ସମସ୍ତ ଉଉଓ ପ୍ରତିନିଧି ଏବଂ ଶିଶୁ ସୁରକ୍ଷା କ୍ଷେତ୍ରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ସମସ୍ତେ ଏହି ପ୍ରଶିକ୍ଷଣକୁ ଉପକାରୀ ବୋଲି ମତ ପ୍ରକାଶ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତ୍ରି ମନସ୍ୱିନୀ ମହାପାତ୍ର, ସାମାଜିକ କର୍ମୀ ରଂଜନ କୁମାର ଗୋଛାୟତ, ଗିତାଞ୍ଜଳୀ ମହାନ୍ତି, ଅର୍ଚ୍ଚନା ରାୟ, ଅଶୋକ କୁମାର ସେଠୀ ଏବଂ ସୁକାନ୍ତ କୁମାର ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଖୋଲିଲାନି ହଷ୍ଟେଲ, ବଢୁଚି ଅସନ୍ତୋଷ

ଦଶପଲ୍ଲା, ୧୦/୦୪(ଆ.ପ୍ର) : ଆକାଂକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଦଶପଲ୍ଲା ବ୍ଲକରେ ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବହୁବିଧ ଯୋଜନା ପ୍ରସ୍ତୁତ ହେଉଛି । ହେଲେ ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ଭିତିଭୂମି ପ୍ରତିଷ୍ଠା ଏବେବି କେଉଁଠି ନା କେଉଁଠି ଅଣଦେଖା ହେବା ଭଳି ଦେଖା ଦେଉଛି । ଏକ ପ୍ରମୁଖ ଘଟଣା କ୍ରମରେ ମାଢା ତଥା ଅନୁନ୍ନତ ଅଂଚଳ ଭାବେ ପରିଚିତ ତୁମାଣ୍ଡି ପଂଚାୟତରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ଏକ ସରକାରୀ ହଷ୍ଟେଲ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ଧରି ଦାବୀ ହୋଇ ଆସୁଥିଲେ ହେଁ, ଏଥିପ୍ରତି ବିଭାଗ ଉଦାସୀନତା ସ୍ଥାନୀୟ ଅଂଚଳରେ ଜନସାଧାରଣ ମଧ୍ୟରେ ଅସନ୍ତୋଷ ବଢି ଚାଲିବା ସହିତ ଡ୍ରପ୍ ଆଉଟ୍ ସଂଖ୍ୟା ମଧ୍ୟ ବଢୁଛି । ସାମାଜିକ ଓ ଶିକ୍ଷାଗତ ବିକାଶ ପାଇଁ ପ୍ରଶାସନ ତୁରନ୍ତ ଏହି ଦିଗରେ ଧ୍ୟାନ ଦେଇ ତୁମାଣ୍ଡି ଅଂଚଳରେ ଏକ ହଷ୍ଟେଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଆବାସ ବଂଟନ କାର୍ଯ୍ୟକ୍ରମ ବାତିଲ ଯୋଗୁଁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ

ଖଣ୍ଡପଡ଼ା,୧୦/୦୪(ଆ.ପ୍ର) : ଖଣ୍ଡପଡ଼ାରେ ଆବାସ ବଂଟନ କାର୍ଯ୍ୟକ୍ରମକୁ ଶେଷ ସମୟରେ ବାତିଲ ଯୋଗୁଁ ହିତାଧିକାରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ନେଇ ଆଜି ନଗର କଂଗ୍ରେସ ନେତୃତ୍ୱରେ ଏନଏସି ଅଫିସ ଘେରାଉ କରି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ହିତାଧିକାରୀ । ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ନ ଦେଲେ ଏଣିକି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛି ନଗର କଂଗ୍ରେସ । ମିଳିଥିବା ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନରେ ଦଳ ପକ୍ଷରୁ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ରାଲି ବାହାରିବା ସହିତ ଏନଏସି କାର୍ଯ୍ୟାଳୟ ନିକଟରେ ପହଂଚିଥିଲା । ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ବରିଷ୍ଠ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି ଯୋଗଦେବା ସହିତ ଏନଏସି କାର୍ଯ୍ୟାଳୟ ଗେଟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗତ ପ୍ରାୟ ୨୦ ଦିନ ହେବ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଆବାସ ବଂଟନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ପ୍ରଶାସନକୁ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଥିଲା । ବିଶେଷକରି କେଉଁ କାରଣରୁ ହିତାଧିକାରୀଙ୍କୁ ମୌଳିକ ଅଧିକାରରୁ ବଂଚିତ କରାଯାଉଛି ସେ ନେଇ କାଉନସିଲର ସରୋଜ ପ୍ରଧାନ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପ୍ରଶ୍ନ ପଚାରିଥିଲେ । ତେବେ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ମୂଳ ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିବା ସହିତ ଖୁବଶୀଘ୍ର ଆବାସ ବଂଟନ କରାଯିବ ବୋଲି ପ୍ରତିକ୍ରିୟା ରଖିଥିଲେ । ଗତ ୭ ବର୍ଷ ପରେ ହିତାଧିକାରୀ ଆବାସ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରାଜନୈତିକ ଚକ୍ରବ୍ୟୂହରେ ଫସିଥିବା କଂଗ୍ରେସ ଅଭିଯୋଗ କରିଥିଲା । ତେବେ ନିର୍ବାହୀ ଅଧିକାରୀ ଆସନ୍ତା ୨୦ ତାରିଖ ସୁଦ୍ଧା ଆବାସ କାର୍ଯ୍ୟଦେଶ ବଂଟନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିବା ନେଇ ସୂଚନା ମିଳିଛି । ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିରେ ପୁଣିଥରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ ନଗର କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ବରିଷ୍ଠ ନେତ୍ରୀ ଶ୍ରୀମତୀ ମହାନ୍ତି ପ୍ରତିକ୍ରିୟା ଦେଇଥିଲେ ।

୪ଟା ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ନୂଆପଡା, ୧୦/୦୪(ଆ.ପ୍ର) : ନୂଆପଡା ଜିଲ୍ଲାର ଖରିଆର ରୋଡ୍ ଥିବା ପାଳ ହୋଟେଲ୍ ରେ ଘରୋଇ ଏଲପିଜି ସିଲିଣ୍ଡରକୁ ବାଣିଜ୍ୟିକ କାମରେ ଅବୈଧ ଭାବରେ ବ୍ୟବହାର କରୁଥିବା ଖବର ଉପରେ ଯୋଗାଣ ବିଭାଗର ଇନଫୋର୍ସମେଂଟ ଟିମ୍ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ହୋଟେଲ୍ ପାରୁ ମୋଟ ୪ଟା ଘରୋଇ ଏଲପିଜି ସିଲିଣ୍ଡର ଜବତ କରାଯାଇଥିଲା । ଏହି ଅଭିଯାନରେ ନୂଆପଡା ଏସିଏସଓ (ହେଡକ୍ୱାର୍ଟର) ପ୍ରାର୍ଥନା ଭୋଇ, ସଦର ଏସିଏସଓ ହୃଷିକେଶ ନାଏକ ଓ ବ୍ଲକ୍ ଯୋଗାଣ ନିରୀକ୍ଷକ ଶ୍ରୀମତୀ ସୁଭଶ୍ରୀ ଦାସ ଯୋଗ ଦେଇ ଯାଂଚ କରିଥିଲେ । ତଦନ୍ତ ବେଳେ ହୋଟେଲ୍ ମାଲିକ ଘରୋଇ ସିଲିଣ୍ଡରକୁ ବାଣିଜ୍ୟିକ କାମରେ ବ୍ୟବହାର କରୁଥିବା ସ୍ପଷ୍ଟ ହେଇଥିଲା । ନିୟମ ଉଲଂଘନ ହେଉଥିବାରୁ ସେସବୁ ସିଲିଣ୍ଡରକୁ ଜବତ କରାଯାଇଛି ଓ ମାମଲାର ତଦନ୍ତ ଚାଲୁଛି । ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏପରି ଅବୈଧ କାମ ବନ୍ଦ କରିବା ପାଇଁ ଆଗକୁ ଆଉ ଅଧିକ ଚଢ଼ାଉ ହେବ । ସମସ୍ତ ହୋଟେଲ୍ ଓ ରେଷ୍ଟୁରାଂଟ ମାଲିକମାନଙ୍କୁ ନିୟମ ମାନି କେବଳ ବାଣିଜ୍ୟିକ ସିଲିଣ୍ଡର ବ୍ୟବହାର କରିବାକୁ କୁହାଯାଇଛି ।

ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶପଲ୍ଲା, ୧୦/୦୪(ଆ.ପ୍ର) : ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଦଶପଲ୍ଲା ବ୍ଲକ ପରିସରରେ 'ଲୋକ କଳା ପାଇଁ ଦିନଟିଏ' ଉତ୍ସବମୁଖର ପରିବେଶରେ ଧୁମଧାମର ସହ ପାଳିତ ହୋଇଛି ।କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ପରେ ଓଡ଼ିଆ ଲୋକ ସଂସ୍କୃତିକୁ ସ୍ମରଣ କରି ସଙ୍ଗୀତ ଗାନ କରାଯାଇଥିଲା । ଉତ୍ୟବସରରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକ କଳା ଆମ ଐତିହ୍ୟର ଅମୂଲ୍ୟ ବୋଲି କହିବା ସହିତ ଏହି ପରମ୍ପରାକୁ ଆଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଂଚାଇବା ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଆବଶ୍ୟକ । ମୁଖ୍ୟ ବକ୍ତା ଭାବେସ୍ଥାନୀୟ ତହସିଲଦାର ସ୍ମୃତି ରଞ୍ଜନ ଶତପଥି ଉପସ୍ଥିତ ରହି ଲୋକ କଳାର ସଂରକ୍ଷଣ ଓ ପ୍ରଚାର ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ ଓ ଦଶପଲ୍ଲାର ଆରାଧ୍ୟ ଦେବଙ୍କ ରାମଲୀଳା ନାଟକକୁ ଭୂୟ ଭୂୟ ପ୍ରଂଶସା କରିବା ସହିତ ଦଶପଲ୍ଲାର କଳାକାର ମାନଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଏବଂ ଏନଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ଯୋଗଦେଇ ଲୋକ କଳାର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅଂଚଳର ବିଭିନ୍ନ ଲୋକ ଶିଳ୍ପୀମାନେ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ, ଯାହା ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା । ବିଶେଷ କରି ପାଲା, ଦାସକାଠିଆ ଓ ଲୋକ ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଅଧିକ ରଙ୍ଗୀନ କରିଥିଲା । ସର୍ବଶେଷରେ ଉତରକବାଟ ସାହିର ପୂର୍ଣ୍ଣ ଚନ୍ଦ୍ର ଭୁକ୍ତା, ଗଣେଶ ବଡ଼ାଭର କିଶୋର ଚନ୍ଦ୍ର ରଥ, ଡୁମାଳ ସାହିର ପୂର୍ଣ୍ଣ ଚନ୍ଦ୍ର ରାଉଳ, ସମନ୍ତସାହିର ବିଜୟ ଚନ୍ଦ୍ର ରଥ, ନାହାକପଡା ର ସଜନୀ ବେହେରା, କୁଞ୍ଜବନଗଡର ନିର୍ମଳ ଦାଶ, ସାମନ୍ତ ସାହିର ପ୍ରଦୀପ କୁମାର ସିଂ, ନରସିଂହପୁର ଦଶପଲ୍ଲାର ନାରାୟଣ ନାୟକଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କର ବହୁଳ ସହଭାଗିତା ଦେଖାଯାଇଥିଲା ଏବଂ ସମସ୍ତେ ଏହାକୁ ସଫଳ କରିବାରେ ସହଯୋଗ କରିଥିଲେ । କୁଞ୍ଜବନ ଗଡ଼ ଦଶପଲ୍ଲାଟି ଲୋକ କଳା ଗ୍ରାମ ଭାବେ ୨୦୧୨ ମସିହା ପରେ ନୟାଗଡ ଜିଲ୍ଲାରେ ପ୍ରଥମ ଲୋକ କଳା ଗ୍ରାମ ଭାବେ ମାନ୍ୟତା ପାଇଥିଲା । ତେବେ ଏହି ଲୋକ କଳାକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର ପାଇଁ ଏନ ଏ ସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ନିଜ ବକ୍ତବ୍ୟ ରଖିଥିଲେ । ଦଶପଲ୍ଲା ବ୍ଲକ ଅଧିକାରୀ ଶରତ କୁମାର ମଲିକଙ୍କ ସଭାପତିତ୍ୱ ରେ ଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହାଡିବନ୍ଧୁ ମହାକୁଡ଼ ମଂଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ରଚିତ 'ଜୀବନ ଜିଜ୍ଞାସା' ପୁସ୍ତକ ଲୋକାର୍ପିତ

ଭଦ୍ରକ, ୧୦/୦୪(ଆ.ପ୍ର) : ଓଡ଼ିଆ ପକ୍ଷ-୨୦୨୬' ପାଳନର ନବମ ଦିବସରେ 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଜୀବନରେ ବହିର ମହତ୍ୱକୁ ସମ୍ମାନ ଜଣାଇବା,ବହିଟିଏ କିଣିବା, ପଢିବା ଓ ଜାଣିବାର ମହତ୍ୱ ସମ୍ପର୍କରେ ବହୁ ଉପାଦେୟ ସମ୍ପର୍କରେ ବହୁମୂଲ୍ୟ ମତବ୍ୟକ୍ତ ପୂର୍ବକ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ରଚିତ ବିଦ୍ୟା ପବ୍ଲିଶିଙ୍ଗ, କାନାଡ଼ା ଦ୍ୱାରା ପ୍ରକାଶିତ ' ଜୀବନ ଜିଜ୍ଞାସା' ପୁସ୍ତକ ଲୋକାର୍ପଣ କରି ଲେଖକ ଶ୍ରୀ ମହାପାତ୍ରଙ୍କ ସାହିତ୍ୟ କୃତିକୁ ଭୂୟସୀ ପ୍ରଶଂସା କରି କହିଥିଲେ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ରଚିତ ' ଜୀବନ ଜିଜ୍ଞାସା' ଜୀବନକୁ ଜାଣିବାର ପ୍ରକୃତ ରାହା ଦେଖାଇବ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଓଡ଼ିଆ ଭାଷା ସାହିତ୍ୟ ପାଇଁ ପୁସ୍ତକର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ତଥା ଶିକ୍ଷାବିତ୍ ପଣ୍ଡିତ ଦୈତ୍ୟାରି ମହାପାତ୍ର ବହିର ଇତିହାସ, ପୁସ୍ତକ ପଠନର ଆବଶ୍ୟକତା, ବହି ଆମର ସାଥୀ ଏବଂ ବହି କିପରି ଜୀବନର ମାର୍ଗ ଦେଖାଇଥାଏ ସେ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ଗୋଲକ ବିହାରୀ ସାହୁ ମନୁଷ୍ୟ ଜୀବନରେ ପୁସ୍ତକର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ଓଡ଼ିଆ ପକ୍ଷର ନବମ ଦିନରେ ଆସ ଆମେ ବହିଟିଏ କିଣିବା କାର୍ଯ୍ୟକ୍ରମ ଅବସରରେ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ରଚିତ ଜୀବନ ଜିଜ୍ଞାସା ପାଠକ ପାଠିକା ଏବଂ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ନୂତନ ଦିଶା ଦେଖାଇବ ବୋଲି ମନ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ଦତାତ୍ରେୟ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଆୟୋଜନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ଶିର୍କାଙ୍କ ସଂଯୋଜନାର ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାପାଳଙ୍କ ଦ୍ୱାରା ବୁଦ୍ଧିଜୀବୀମାନଙ୍କୁ ଶ୍ରୀମଦ୍ ଭଗବଦ୍ ଗୀତା ବଂଟନ ହେବା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଠିକ୍ ଉତର ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭା ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

୧୫ ତମ ମା ବାଇଦେଇ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟନ

ନିମାପଡା, ୧୦/୦୪(ଆ.ପ୍ର) : ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଉସାଣପୁର ପଂଚାୟତ ମଧୁବନ ଗ୍ରାମରେ ୧୫ ତମ ମା ବାଇଦେଇ ବାର୍ଷିକ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟନ ହୋଇଯାଇଛି । ଏହି ଉଦଘାଟନ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ଅର୍ଣ୍ଣ ପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଚାରିଛକର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ କାହ୍ନୁ ଚରଣ ସାହୁ , ଉପଦେଷ୍ଟା ଜୟନ୍ତ କୁମାର ସାହୁ, ଆମ ଆଦମୀ ପାର୍ଟି ପୁରୀ ଜିଲ୍ଲା ଉପ ସଭାପତି ତଥା ସମାଜସେବୀ ରବୀନ୍ଦ୍ର ନାଥ ସାହୁ, ମା ବାଇଦେଇ କ୍ରିକେଟ କ୍ଲବ ସଭାପତି ସତ୍ୟସାଚୀ ସାହୁ, ସୌମ୍ୟ

ରଞ୍ଜନ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଂଟ ଉଦଘାଟନ କରି ବ୍ୟାଟିଙ୍ଗ ଦ୍ୱାରା ଖେଳ ଆରମ୍ଭ କରିଥିଲେ । ଏହି ଉଦଘାଟନ ଖେଳରେ ସମାଜସେବୀ ଲଲାଟେନ୍ଦୁ ମିଶ୍ର ମଂଚ ପରିଚାଳନା କରିଥିବା ବେଳେ କାର୍ତ୍ତିକ ପୋଲେଇ, ସନ୍ତୋଷ ସାହୁ, ମାନସ ଦାସ ଓ ଦିଲୀପ ସାହୁ ଖେଳରେ ଅଂମ୍ପିୟାର ଭାବେ କାର୍ଯ୍ୟ ତୁଲାଉ ଥିଲେ । ଏହି ଖେଳ ଟେନିସ ବଲ ରେ ୮ ଓଭର ଖେଳ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି । ୧୫ତମ ବାର୍ଷିକ ମା ବାଇଦେଇ କ୍ରିକେଟ ଟୁର୍ଣ୍ଣାମେଂଟର ପ୍ରଥମ ଦିନରେ ୧୬ ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ୧୫ ତମ ବାର୍ଷିକ ମା ବାଇଦେଇ କ୍ରିକେଟ ଟୁର୍ଣ୍ଣାମେଂଟ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ସହିତ ମଧୁବନ ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ ।

ସିଥୁଆରମ୍ଭ
ଆରମ୍ଭ
SEITHO ARAMBHA
ଶନିବାର, ୧୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆଇପିଏଲ୍‌ରୁ ଓହରିଲେ ହସରଙ୍ଗା

ନୂଆଦିଲ୍ଲୀ, ୧୦/୪(ନ୍ୟୁ.ଏ): ଆହତ ଯୋଗୁଁ ଶ୍ରୀଲଙ୍କା ଲେଗ୍ ସ୍ପିନର ୱାନିନ୍ଦୁ ହସରଙ୍ଗା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍‌ରୁ) ଓହରି ଯାଇଛନ୍ତି । ଗତ ଫେବ୍ରୁଆରିରେ ତାଙ୍କର ମାଂସପେଶୀ ଜନିତ ଆଘାତ ସମସ୍ୟାରେ ଦେଖାଯାଇଥିଲା । ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନଥିବାରୁ ସେ ଏହି ଲିଗ୍‌ରୁ ଓହରିବାକୁ ବାଧ୍ୟ ହୋଇଛନ୍ତି । ତାଙ୍କୁ ନିଲାମରେ ଲକ୍ଷ୍ନୌ ସୁପର ଜାଏଂଟସ (ଏଲ୍‌ଏସ୍‌ଜି) ୨ କୋଟି ଟଙ୍କାରେ କିଣିଥିଲା । ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନ୍ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଏଲ୍‌ଏସ୍‌ଜି ନେବାର ସମ୍ଭାବନା ରହିଛି । ଗୁରୁବାର ଲକ୍ଷ୍ନୌ ସୁପର ଜାଏଂଟ୍‌ସର ଗ୍ଲୋବାଲ ନିର୍ଦ୍ଦେଶକ ଟମ୍ ମୁଡି କହିଛନ୍ତି ଯେ 'ହସରଙ୍ଗା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନଥିବାରୁ ଚଳିତ ଆଇପିଏଲ୍‌ରେ ଖେଳି ପାରିବେନି । ତାଙ୍କ ବଦଳ ଖେଳାଳି ନାଁ ଆମେ ଶୀଘ୍ର ଘୋଷଣା କରିବୁ ।' ଆହତ ଜନିତ ସମସ୍ୟା ଯୋଗୁଁ ହସରଙ୍ଗା ପ୍ରାୟ ୨ ମାସ ହେବ ପ୍ରତିଯୋଗିତାମୂଳକ କ୍ରିକେଟ୍‌ରେ ଅଂଶଗ୍ରହଣ କରି ନାହାନ୍ତି । ସଂପ୍ରତି ସେ ବୋଲିଂ କରିବାକୁ ସକ୍ଷମ ନଥିଲା ବେଳେ ଆଇପିଏଲ୍ ଖେଳିବା ଲାଗି ଶ୍ରୀଲଙ୍କା କ୍ରିକେଟ୍‌ରୁ ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ପାଇଁ ଆବେଦନ ବି କରିନାହାନ୍ତି ।

ପ୍ରତିନିଧିଙ୍କ ସୁରକ୍ଷା ପାଇଁ ମଧ୍ୟପ୍ରାଚ୍ୟକୁ ଯୁଦ୍ଧ ବିମାନ ପଠାଇଲା ପାକିସ୍ତାନ

ଇସଲାମାବାଦ, ୧୦/୪(ନ୍ୟୁ.ଏ): ଶନିବାର ଇସଲାମାବାଦରେ ଆମେରିକା-ଇରାନ ଶାନ୍ତି ଆଲୋଚନା ହେବାକୁ ଥିବା ବେଳେ ପାକିସ୍ତାନ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱର ସମ୍ମୁଖୀନ ହେଉଛି । ଆଲୋଚନା ପାଇଁ ପାକିସ୍ତାନକୁ ଆସୁଥିବା ପ୍ରତିନିଧିଙ୍କ ବିମାନକୁ ସୁରକ୍ଷା ଦେବା ପାଇଁ ଇସଲାମାବାଦ ମଧ୍ୟପ୍ରାଚ୍ୟକୁ ଏକାଧିକ ଯୁଦ୍ଧ ବିମାନ, ସି-୧୩୦ ପରିବହନ ବିମାନ, ଇନ୍ଧନ ଭର୍ତ୍ତି ଟ୍ୟାଙ୍କର୍ ଓ ଏଡବ୍ଲ୍ୟୁଏସିଏସ୍ ପଠାଇଛି । ଏପ୍ରିଲ ୮ରେ ଚୀନ୍ ସହାୟତାରେ ପାକିସ୍ତାନ ଆମେରିକା ଓ ଇରାନ ମଧ୍ୟରେ ଅସ୍ଥାୟୀ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିବାରେ ସଫଳ ହୋଇଥିଲା, ତେହେରାନରେ ଏକ ମାସ ଧରି ଚାଲିଥିବା ଯୁଦ୍ଧକୁ ବନ୍ଦ କରିଦେଇଥିଲା, ଯେଉଁଥିରେ ତେହେରାନରେ ୩,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ପାକିସ୍ତାନ ବର୍ତ୍ତମାନ ବିବାଦର ସ୍ଥାୟୀ ସମାପ୍ତି ପାଇଁ ଆଲୋଚନା ଆୟୋଜନ କରୁଛି । ପାକିସ୍ତାନ ସ୍ପଷ୍ଟ ଭାବରେ ଜାଣେ ଯେ ଏହାର ଅନ୍ତର୍ଜାତୀୟ ପ୍ରୋଫାଇଲ୍ ବିପଦରେ ଅଛି । ଆଲୋଚନା ଆୟୋଜନ ନିମନ୍ତେ ଏହା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ଇସଲାମାବାଦର କିଛି ଅଂଶରେ ଲକ୍‌ଡାଉନ୍ ଘୋଷଣା କରିବା ବ୍ୟତୀତ ପାକିସ୍ତାନ ଏହାର ଦକ୍ଷିଣ ଓ ପଶ୍ଚିମ ବାୟୁସୀମାରେ ଏହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରିଛି । ପାକିସ୍ତାନର ମନ୍ତ୍ରୀ ମୋହସିନ୍ ନକଭି କହିଛନ୍ତି ଯେ ସମସ୍ତ ବିଦେଶୀ ଅତିଥିଙ୍କ ସୁରକ୍ଷା ଯୋଗାଇବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି । ଆମେରିକାର ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇସଲାମାବାଦ ଅଭିମୁଖେ ଆସୁଛନ୍ତି । ଇରାନ ପକ୍ଷରୁ ସଂସଦର ବାଚସ୍ପତି ମହମ୍ମଦ ଗାଲିବାଫ୍ ଓ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଏହି ଆଲୋଚନାର ନେତୃତ୍ୱ ନେବାର ସମ୍ଭାବନା ରହିଛି । ତେବେ ଯୁଦ୍ଧରେ ଇରାନର ବାୟୁସେନା ପ୍ରାୟ ନିଶ୍ଚିହ୍ନ ହୋଇଯିବା ପରେ, ଇରାନ ପ୍ରତିନିଧିଙ୍କ ପାଇଁ ଇରାନ ଓ ପାରସ୍ୟ ଉପସାଗର ଉପରେ ସୁରକ୍ଷା କବଚ ସ୍ଥାପନ ନିମନ୍ତେ ପାକିସ୍ତାନ ଏହାର ଏକାଧିକ ଯୁଦ୍ଧବିମାନ ନିୟୋଜିତ କରିଛି । ଶାନ୍ତି ଆଲୋଚନାରେ କୌଣସି ଅନ୍ତର୍ଘାତୀ କାର୍ଯ୍ୟ କିମ୍ବା ଇସ୍ରାଏଲର ଦୁଃସାହସିକ କାର୍ଯ୍ୟକୁ ଏଡାଇବା ପାଇଁ ଏହା କରାଯାଇଛି । ଶୁକ୍ରବାର ପାକିସ୍ତାନ ଓ ଇସ୍ରାଏଲ ମଧ୍ୟରେ ତୀବ୍ର ବାକ୍ୟବିନିମୟ ହୋଇସାରିଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଇସ୍ରାଏଲକୁ 'ଖଳ' ଓ 'ମାନବିକତା ପାଇଁ ଅଭିଶାପ' ବୋଲି କହିବା ପରେ ଏହା ଆରମ୍ଭ ହୋଇଥିଲା । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହି ମନ୍ତବ୍ୟକୁ ଅପମାନଜନକ ବୋଲି କହିଛନ୍ତି । ତେବେ ଇସ୍ରାଏଲର ପ୍ରତିକ୍ରିୟା ପରେ ଆସିଫ୍ ଏହି ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ । ଫ୍ଲାଇଟ୍ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଛି ଯେ, ପାକିସ୍ତାନୀ ଯୁଦ୍ଧ ବିମାନ ଜେଏଫ୍-୧୭ ଥଣ୍ଡର ଓ ଏଫ୍-୧୬ ଇରାନର ବନ୍ଦର ସହର ବନ୍ଦର ଅବ୍ବାସ ନିକଟରେ ରହିଛି । ଇସଲାମାବାଦ ଅଭିମୁଖେ ଯାତ୍ରା ଆରମ୍ଭ କରିବା ସମୟରେ ଏହି ଜେଟ୍ ଇରାନ ପ୍ରତିନିଧିଙ୍କୁ ନେଇ ଯାଉଥିବା ବିମାନକୁ ସୁରକ୍ଷା ପ୍ରଦାନ କରିବ, ଯାହା ପ୍ରାୟ ତିନି ଘଂଟା ସମୟ ନେଉଥାଏ । ଏହା ବ୍ୟତୀତ ପାକ୍ ବାୟୁସେନା ଆଇଏଲ୍-୭୮ ରିଫ୍ୟୁଲିଂ ଟ୍ୟାଙ୍କର୍ ମଧ୍ୟ ନିୟୋଜିତ କରିଛି, ଯାହା ଯୁଦ୍ଧ ବିମାନକୁ ଆକାଶରେ ଅଧିକ ସମୟ ରହିବାକୁ ଅନୁମତି ଦେଉଥାଏ । ପାକିସ୍ତାନ ମଧ୍ୟ ସି-୧୩୦ ହର୍କ୍ୟୁଲସ୍ ବିମାନ ମୁତୟନ କରିଛି । କୌତୂହଳର ବିଷୟ ହେଉଛି, ଏହି ନିୟୋଜନ କେବଳ ଇରାନର ବାୟୁସୀମାରେ ସୀମିତ ନୁହେଁ । ଫ୍ଲାଇଟ୍ ରାଡାର୍ ତଥ୍ୟରୁ ଜଣାପଡ଼ିଛି ଯେ ୟୁଏଇ ଓ ସାଉଦି ଆରବ ନିକଟରେ ମଧ୍ୟ ପାକିସ୍ତାନର ନାଟୋ ଷ୍ଟାଇଲ୍ ପ୍ରତିରକ୍ଷା ବୃତ୍ତି ରହିଛି । ଏହା ଗଲ୍ଫ ଦେଶମାନଙ୍କ ସହିତ ଏକ ବ୍ୟାପକ ସମନ୍ୱୟ ପ୍ରୟାସକୁ ସୂଚାଉଥାଏ । ତଥାପି କିଛି ଶେଷ ମୁହୂର୍ତ୍ତର ଦ୍ୱନ୍ଦ୍ୱ ଥିବା ଜଣାପଡିଛି । ଅସ୍ଥିରତି ଚୁକ୍ତିରେ ଲେବାନନକୁ ଅନ୍ତର୍ଭୁକ୍ତ କରିବା ନେଇ ଦ୍ୱନ୍ଦ୍ୱ ମଧ୍ୟରେ ଇସଲାମାବାଦରେ ଆମେରିକା-ଇରାନ ଆଲୋଚନା ଆଗକୁ ବଢ଼ିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅଲ୍ ଜଜିରାର ଏକ ରିପୋର୍ଟ ଅନୁଯାୟୀ, ଇରାନର ବୁଝାମଣାକାରୀ ଦଳ ଏପର୍ଯ୍ୟନ୍ତ ଇସଲାମାବାଦ ଅଭିମୁଖେ ଯାତ୍ରା କରିନାହାନ୍ତି । ଜଣେ ଇରାନ ଅଧିକାରୀ କହିଛନ୍ତି ଯେ ଲେବାନନ ଉପରେ ଆକ୍ରମଣ ଆଲୋଚନାକୁ ନେଇ ଅନିଶ୍ଚିତତା ସୃଷ୍ଟି କରିଛି ।

ଏସୀୟ ବ୍ୟାଡ୍‌ମିନ୍: ବିଶ୍ୱର ୪ ନମ୍ବର କ୍ରିଷ୍ଟିଙ୍କୁ ମାତ୍ ଦେଲେ ଆୟୁଷ

ନିଙ୍ଗ୍‌ବୋ, ୧୦/୪(ନ୍ୟୁ.ଏ): ଭାରତୀୟ ଯୁବ ତାରକା ଆୟୁଷ ଶେଟ୍ଟୀ ଚଳିତ ବ୍ୟାଡ୍‌ମିଂଟନ ଏସିଆ ପ୍ରତିଯୋଗିତାରେ ଶୁକ୍ରବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ୨୦ ବର୍ଷୀୟ ଆୟୁଷ ୨୩-୨୧, ୨୧-୧୭ ସିଧାସଳଖ ଗେମ୍‌ରେ ନିଜଠୁ ଉଚ୍ଚ ମାନ୍ୟତା ତଥା ବିଶ୍ୱର ୪ ନମ୍ବର ଖେଳାଳି ଜୋନାଥନ କ୍ରିଷ୍ଟିଙ୍କୁ ମାତ୍ ଦେଇ ବିଦାୟର ରାସ୍ତା ଦେଖାଇଛନ୍ତି । ବିଶ୍ୱ ମାନ୍ୟତାର ୨୫ତମ ସ୍ଥାନରେ ଥିବା ଆୟୁଷ ନିଜର ପ୍ରଥମ ମୁକାବିଲାରେ ବିଶ୍ୱର ୭ ନମ୍ବର ଚୀନ୍ ଖେଳାଳି ଲି ସି ଫେଙ୍ଗଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ । ଏହାପରେ ସେ ଚାଇନିଜ୍ ତାଇପେଇର ଚି ୟୁ ଜେନ୍‌ଙ୍କୁ ଏବଂ ଏବେ ଇଣ୍ଡୋନେସିଆର କ୍ରିଷ୍ଟିଙ୍କୁ ହରାଇ ସେମିଫାଇନାଲ୍ ସ୍ଥାନ ସୁରକ୍ଷିତ କରିବା ସହ ପଦକ ନିଶ୍ଚିତ କରିଛନ୍ତି । ଏସୀୟ କ୍ରୀଡ଼ା ଓ ଏସୀୟ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ୨୦୨୦ ଥୋମାସ କପ୍ ବିଜେତା ଇଣ୍ଡୋନେସିଆ ଦଳର ସଦସ୍ୟ ଥିଲେ ।

ହର୍ମୁଜ ପ୍ରଣାଳୀ ଉପରେ ଆମେରିକାର ୨୦୦ ମିଲିୟନ୍ ଡଲାର୍ ମୂଲ୍ୟର ଡ୍ରୋନ୍ 'ଏମ୍‌କ୍ୟୁ-୪ସି ଟ୍ରାଇଟନ୍' ନିଖୋଜ

ୱାସିଂଟନ, ୧୦/୪(ନ୍ୟୁ.ଏ): ଆମେରିକା ନୌସେନାର ଏକ ସିସିଟିଭି ଡ୍ରୋନ୍, ଏମ୍‌କ୍ୟୁ-୪ସି ଟ୍ରାଇଟନ୍ - ଆମେରିକାର ସବୁଠାରୁ ଦାମୀ ମାନବବିହୀନ ବିମାନ ଆଜି ହର୍ମୁଜ ପ୍ରଣାଳୀ ଉପରେ ନିଖୋଜ ହୋଇଯାଇଛି । ରିପୋର୍ଟ ଅନୁଯାୟୀ, ଡ୍ରୋନ୍ ପାରସ୍ୟ ଉପସାଗର ଓ ହର୍ମୁଜ ପ୍ରଣାଳୀ ଉପରେ ପ୍ରାୟ ତିନି ଘଂଟା ନଜର ରଖିଥିଲା ଏବଂ ଇଟାଲିର ନାଭାଲ୍ ଏୟାର୍ ଷ୍ଟେସନ୍ ସିଗୋନେଲାରେ ଥିବା ଏହାର ବେସକୁ ଫେରୁଥିଲା । ଅନ୍‌ଲାଇନ୍ ଫ୍ଲାଇଟ୍ ଟ୍ରାକିଂ ୱେବ୍‌ସାଇଟ୍ ଫ୍ଲାଇଟ୍‌ରାଡାର୍୨୪ ଦର୍ଶାଇଛି ଯେ ଡ୍ରୋନ୍ ଇରାନ ଆଡକୁ ସାମାନ୍ୟ ମୋଡ଼ ନେଇଥିଲା ଯେତେବେଳେ ଏହା କୋଡ୍ ୭୭୦୦ (ସାଧାରଣ ଜରୁରିକାଳୀନ ପରିସ୍ଥିତି ପାଇଁ) ପଠାଇଥିଲା ଏବଂ ତଳକୁ ଓହ୍ଲାଇବା ଆରମ୍ଭ କରିଥିଲା । ଅଦୃଶ୍ୟ ହେବା ପୂର୍ବରୁ ବିମାନଟି ଦ୍ରୁତ ଗତିରେ ଉଚ୍ଚତା ହରାଇବାର ଟ୍ରାକ୍ କରାଯାଇଥିଲା । ଡ୍ରୋନ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଛି ନା ଗୁଳି କରି ଖସାଇ ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ । ଆମେରିକା ଓ ଇରାନ ଅସ୍ଥିରତି ପାଇଁ ରାଜି ହେବାର ଦୁଇଦିନ ପରେ ଡ୍ରୋନ୍‌ଟି ନିଖୋଜ ହୋଇଛି । ଏମ୍‌କ୍ୟୁ-୪ସି ଟ୍ରାଇଟନ୍‌ର ମୂଲ୍ୟ ୨୦୦ ମିଲିୟନ୍ ଡଲାରରୁ ଅଧିକ, ଯାହା ଉପସାଗରୀୟ ଅଂଚଳରେ ଆମେରିକାର ସେଂଟ୍ରାଲ୍ କମାଣ୍ଡ ଅଂଚଳ ପାଇଁ ଅବସ୍ଥିତ । ପାରମ୍ପରିକ ବିମାନ ପରି ଟ୍ରାଇଟନ୍ ଚେକ୍‌ପଏଂଟ ଉପରେ ଦୀର୍ଘ ଘଂଟା ନିରୀକ୍ଷଣ କରେ । ଏହା ନିରବଚ୍ଛିନ୍ନ ସାମୁଦ୍ରିକ ନିରୀକ୍ଷଣ ପାଇଁ ଡିଜାଇନ କରାଯାଇଛି, ଯାହା ବୋଇଂର ପି-୮ଏ ପୋସାଇଡନ୍ ପାଟ୍ରୋଲିଂ ବିମାନ ପାଇଁ ଉଚ୍ଚ-ଆକାଶରେ ଆଖି ଭାବରେ କାର୍ଯ୍ୟ କରେ । ଟ୍ରାଇଟନ୍ ହେଉଛି ଏକମାତ୍ର ସ୍ୱୟଂଚାଳିତ ସାମୁଦ୍ରିକ ବିମାନ ଯାହା ୫୦,୦୦୦ ଫୁଟରୁ ଅଧିକ ଉଚ୍ଚତାରେ, ୭,୪୦୦ ନଟିକାଲ୍ ମାଇଲ୍ ରେଞ୍ଜ ସହିତ ୨୪ରୁ ଅଧିକ ଘଂଟା ପାଇଁ କାର୍ଯ୍ୟ କରିବାକୁ ସକ୍ଷମ । ରିପୋର୍ଟରେ କୁହାଯାଇଛି ଯେ, ୨୦୨୫ ସୁଦ୍ଧା, ଆମେରିକା ନୌସେନା ପାଖରେ ୨୦ଟି ଏମ୍‌କ୍ୟୁ-୪ସି ଟ୍ରାଇଟନ୍ ଡ୍ରୋନ୍ ଥିଲା ଏବଂ ଆଉ ସାତଟି ହାସଲ କରିବାକୁ ଯୋଜନା କରିଥିଲା । ଆମେରିକା ଯୁଦ୍ଧରେ ପ୍ରତି ସେକେଣ୍ଡରେ ୧୦,୩୦୦ ଡଲାର (ପ୍ରାୟ ୯.୮ ଲକ୍ଷ ଟଙ୍କା) ଖର୍ଚ୍ଚ କରୁଛି । ଷ୍ଟକ୍‌ହୋମ୍ ଇଂଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆରଆଇ)ର ତଥ୍ୟ ଅନୁଯାୟୀ, ଯୁଦ୍ଧଖର୍ଚ୍ଚରେ ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ରର ସର୍ବାଧିକ ଅଂଶ ରହିଛି, ଯାହାର ମୂଲ୍ୟ ଦୈନିକ ପ୍ରାୟ ୩୨୦ ମିଲିୟନ୍ ଡଲାର୍ (ପ୍ରାୟ ୩,୦୪୦ କୋଟି ଟଙ୍କା) । ବିମାନ ଚଳାଚଳ ପାଇଁ ପ୍ରତିଦିନ ୨୪୫ ମିଲିୟନ୍ ଡଲାର (ପ୍ରାୟ ୨,୩୨୭.୫ କୋଟି ଟଙ୍କା) ଖର୍ଚ୍ଚ ହେଉଛି ବୋଲି ଆକଳନ କରାଯାଇଛି, ଯାହା ଦୈନିକ ଖର୍ଚ୍ଚର ୨୭.୫ ପ୍ରତିଶତର ପ୍ରତିନିଧିତ୍ୱ କରୁଥିବାବେଳେ ନୌସେନା ଦୈନିକ ପ୍ରାୟ ୧୫୫ ମିଲିୟନ୍ ଡଲାର (ପ୍ରାୟ ୧,୪୭୨.୫ କୋଟି ଟଙ୍କା) ଖର୍ଚ୍ଚ କରିଥାଏ । କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ, ଯେପରିକି ଥାଡ୍, ପାଟ୍ରିଅଟ୍ ବ୍ୟାଟେରି, ଓ ଏକ୍ସିବିଏମ୍‌ଡି ଇଂଟରସେପ୍ଟ ପାଇଁ ପ୍ରତିଦିନ ପ୍ରାୟ ୯୫ ମିଲିୟନ୍ ଡଲାର (୯୦୨.୫ କୋଟି ଟଙ୍କା) ଖର୍ଚ୍ଚ ହେଉଛି, ଯାହା ଦୈନିକ ଖର୍ଚ୍ଚର ୧୦.୭ ପ୍ରତିଶତ । ଗୁଇନ୍ଦା ଓ ସାଇବର ଅପରେସନ୍ ପାଇଁ ପ୍ରତିଦିନ ପ୍ରାୟ ୪୫ ମିଲିୟନ୍ ଡଲାର୍ (ପ୍ରାୟ ୪୨୭.୫ କୋଟି ଟଙ୍କା) ଖର୍ଚ୍ଚ ହୁଏ ଏବଂ କର୍ମଚାରୀ ଓ ଲଜିଷ୍ଟିକ୍ ପାଇଁ ପ୍ରତିଦିନ ପ୍ରାୟ ୩୦ ମିଲିୟନ୍ ଡଲାର୍ (ପ୍ରାୟ ୨୮୫ କୋଟି ଟଙ୍କା) ଖର୍ଚ୍ଚ ହୁଏ ।

ବୃନ୍ଦାବନର ଯମୁନା ନଦୀରେ ଓଲଟିଲା ଡଙ୍ଗା, ଚାଲିଗଲା ୧୦ ଜୀବନ

ନୂଆଦିଲ୍ଲୀ, ୧୦/୪(ନ୍ୟୁ.ଏ): ଯମୁନା ନଦୀରେ ଓଲଟିଲା ଡଙ୍ଗା । ମଥୁରା ଜିଲ୍ଲା ବୃନ୍ଦାବନରୁ ଅଘଟଣ ଖବର । ଶେଷ ଖବର ସୁଦ୍ଧା ୧୦ ଜଣ ପ୍ରାଣ ହରାଇଥିବାବେଳେ ୧୫ ଜଣ ଶ୍ରଦ୍ଧାଳୁ ଉଦ୍ଧାର ହୋଇଛନ୍ତି । ସ୍ଥାନୀୟ ଲୋକ ଏବଂ ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୮ରୁ ଅଧିକ ଏବେ ମଧ୍ୟ ନିଖୋଜ ରହିଛନ୍ତି । ଖବର ମୁତାବକ, ଉତ୍ତରପ୍ରଦେଶ ବୃନ୍ଦାବନର କେଶି ଘାଟରେ ଯମୁନା ନଦୀରେ ଡଙ୍ଗା ବୁଡ଼ିବାରୁ ୧୦ ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣ ଚାଲିଯାଇଛି । ଡଙ୍ଗାରେ ଥିବା ଲୋକଙ୍କ ମଧ୍ୟରୁ ଅଧିକ ନିଖୋଜ ରହିଛନ୍ତି । ଡଙ୍ଗାରେ ୩୩ ଜଣ ଯାତ୍ରୀ ଥିଲେ ବୋଲି ଜଣାପଡିଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯମୁନା ନଦୀରେ ସର୍ଚ୍ଚ ଅପରେସନର ଜାରି ରହିଛି । ବୁଡ଼ାଳି ନିଖୋଜ ଲୋକଙ୍କୁ ଖୋଜୁଛନ୍ତି । ମଥୁରା ଜିଲ୍ଲା ପ୍ରଶାସନ ଘଟଣା ସ୍ଥଳରେ ପହଂଚି ସ୍ଥିତି ପରଖୁଛନ୍ତି । ଡଙ୍ଗା ବୁଡ଼ିବା ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣା ବିଷୟରେ ତଦାରଖ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହିତ ଦୁଃଖ ପ୍ରକାଶ କରିଛନ୍ତି । ଉଦ୍ଧାର କାର୍ଯ୍ୟ ଯଥାଶୀଘ୍ର କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗୀ । ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମାଜିଷ୍ଟ୍ରେଟ୍ ଚନ୍ଦ୍ର ପ୍ରତାପ ସିଂହ ଦୁର୍ଘଟଣା ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାରକାରୀ ଦଳ ଅନ୍ୟମାନଙ୍କୁ ଖୋଜୁଛନ୍ତି ।

ଭାଷଣ ବିନା କରାଇକୁଡ଼ି ରାଲି ସ୍ଥଳ ଛାଡ଼ିଲେ ବିଜୟ

ଶିବଗଙ୍ଗା, ୧୦/୪(ନ୍ୟୁ.ଏ): ଟିଭିକେ (ତାମିଲଗା ଭେଟ୍ରି କାଝାଗମ) ସଭାପତି ବିଜୟଙ୍କର ଆଜି ତାମିଲନାଡୁର କରାଇକୁଡ଼ିରେ ଏକ ନିର୍ବାଚନ ରାଲି ଥିଲା । କିନ୍ତୁ ସଠିକ୍ ସମୟରେ ସେ ଉକ୍ତ ସ୍ଥାନରେ ପହଂଚିନପାରିବାରୁ ବିଜୟ ଭୋଟରମାନଙ୍କୁ ଉଦ୍‌ବୋଧନ ଦେଇପାରିନାହାନ୍ତି । ଉଲ୍ଲେଖଯୋଗ୍ୟ ଯେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜୟ ଏବେ ସକ୍ରିୟ ଭାବେ ପ୍ରଚାର କରୁଛନ୍ତି । ଚେନ୍ନାଇ, ତିରୁଚିରାପଲ୍ଲି, ତିରୁନେଲଭେଲି ଏବଂ ତୁଥୁକୁଡ଼ିରେ ସେ ନିର୍ବାଚନ ପ୍ରଚାର କରି ସାରିଛନ୍ତି । ଶୁକ୍ରବାର ସେ ଶିବଗଙ୍ଗା ଜିଲ୍ଲାର କରାଇକୁଡ଼ି ଯାଇଥିଲେ । ପୂର୍ବାହ୍ନ ପ୍ରାୟ ୯ଟା ସୁଦ୍ଧା ସେ ଏକ ଘରୋଇ ବିମାନରେ ମଦୁରାଇ ପହଂଚିଥିଲେ ଏବଂ ସେଠାରୁ ସେ ସଡ଼କ ପଥରେ କରାଇକୁଡ଼ି ଯାଇଥିଲେ । ମଦୁରାଇରୁ ସେ ସଡ଼କ ପଥରେ ଯାତ୍ରା କରିବା ସମୟରେ ରାସ୍ତାର ୨ କଡ଼ରେ ଦଳୀୟ କର୍ମୀମାନେ ଠିଆ ହୋଇ ତାଙ୍କୁ ସ୍ୱାଗତ କରିଥିଲେ । ଯାତ୍ରା ସମୟରେ ସେ ତାଙ୍କ ପ୍ରଚାର ଗାଡ଼ିରୁ ଓହ୍ଲାଇ କିଛି ବାଟ ବାଇସାଇକେଲ୍ ଚଳାଇ ଯାଇଥିଲେ । କିନ୍ତୁ ପ୍ରବଳ ଭିଡ଼ ଯୋଗୁ ରାସ୍ତା ଜାମ୍ ଥିଲା ଏବଂ ବିଜୟ ବାଇସାଇକେଲ୍ ଉପରୁ ନିୟନ୍ତ୍ରଣ ହରାଇ ତଳେ ପଡ଼ି ଯାଇଥିଲେ । ଏହାପରେ ସେ ପୁଣି ତାଙ୍କ ପ୍ରଚାର ଗାଡ଼ିକୁ ଫେରିଥିଲେ । କିନ୍ତୁ ସମଗ୍ର ରାସ୍ତାରେ ଦଳୀୟ କର୍ମୀଙ୍କ ଗହଳି ଯୋଗୁ ତାଙ୍କ ଗାଡ଼ି ଆଗକୁ ବଢ଼ିନଥିଲା । କରାଇକୁଡ଼ିରେ ପ୍ରବେଶ କରି ବି ବିଜୟଙ୍କ ଗାଡ଼ି ବୈଠକ ସ୍ଥଳ ନିକଟରେ ଠିକ୍ ସମୟରେ ପହଂଚି ପାରିନଥିଲା । ମଦୁରାଇରୁ କରାଇକୁଡ଼ିକୁ ଯାତ୍ରା ୯୦ ମିନିଟ୍ ଲାଗିଥାନ୍ତା । କିନ୍ତୁ ପ୍ରବଳ ଟ୍ରାଫିକ ଜାମ୍ ପାଇଁ ବିଜୟଙ୍କୁ ସେଠାରେ ପହଂଚିବାକୁ ୪ଘଂଟା ଲାଗି ଯାଇଥିଲା । ନିର୍ବାଚନ କମିସନ୍ କେବଳ ଅପରାହ୍ଣ ୧୨ରୁ ୨.୩୦ ପର୍ଯ୍ୟନ୍ତ ସମୟ ଦେଇଥିଲେ । କିନ୍ତୁ ବିଜୟଙ୍କ ଗାଡ଼ି ୨.୪୫ ରେ ରାଲି ସ୍ଥଳରେ ପହଂଚିଥିଲା । ସମୟ ଗଡ଼ି ଯାଇଥିବାରୁ ବିଜୟ ରାଲି ସ୍ଥଳରୁ ଫେରି ଆସିଥିଲେ । ବିଜୟଙ୍କ କଥା ଶୁଣିବାପାଇଁ ଅପେକ୍ଷା କରି ରହିଥିବା ହଜାର ହଜାର ଲୋକ ଏଥିପାଇଁ ଦୁଃଖ ପ୍ରକାଶ କରିଥିଲେ ।

ହର୍ମୁଜ ଦେଇ ଶୀଘ୍ର ତୈଳ ପ୍ରବାହିତ ହେବ: ଟ୍ରମ୍ପ

ୱାସିଂଟନ, ୧୦/୪(ନ୍ୟୁ.ଏ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର କହିଛନ୍ତି ଯେ, ଇରାନ ଚୁକ୍ତି କରୁ ବା ନ କରୁ ହର୍ମୁଜ ପ୍ରଣାଳୀ ଦେଇ ତୈଳ ଅତିଶୀଘ୍ର ପ୍ରବାହିତ ହେବ । ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ. ଖୁବ୍ ଶୀଘ୍ର ଆପଣ ଦେଖିବେ ଯେ ଇରାନର ସମର୍ଥନ ସହିତ କିମ୍ବା ବିନା ତୈଳ ପ୍ରବାହିତ ହେବା ଆରମ୍ଭ ହେବ ଏବଂ ମୋ ପାଇଁ ଏହା କୌଣସି ଫରକ ଆଣିବ ନାହିଁ । ଟ୍ରମ୍ପ ଏକ ପୃଥକ୍ ପୋଷ୍ଟରେ ଏହି ମାର୍ଗ ଦେଇ ଯାଉଥିବା ଟ୍ୟାଙ୍କର୍ ଉପରେ ଇରାନ ଶୁଳ୍କ ଲାଗୁ କରିପାରେ ବୋଲି ଖବର ବିରୋଧରେ ଚେତାବନୀ ଦେଇଛନ୍ତି । ରିପୋର୍ଟରେ ଦର୍ଶାଯାଇଛି ଯେ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଟ୍ରାଞ୍ଜିଟ୍ ଫି ଲାଗୁ କରିବାକୁ ଚେଷ୍ଟା କରିପାରେ । ପାଶ୍ଚାତ୍ୟ ନେତାମାନେ ଏହି ଧାରଣାକୁ ପ୍ରତ୍ୟାଖ୍ୟାନ କରି ଜାହାଜ ପାଇଁ ଏପରି ଶୁଳ୍କ ଦେବାର କୌଣସି ଆବଶ୍ୟକତାକୁ ବିରୋଧ କରିଛନ୍ତି । ଇରାନର ତୈଳ, ଗ୍ୟାସ ଓ ପେଟ୍ରୋକେମିକାଲ୍ ଉତ୍ପାଦ ରପ୍ତାନିକାରୀ ସଂଘର ମୁଖପାତ୍ର ହମିଦ ହୋସେନିଙ୍କ ଉଦ୍ଧୃତି ଦେଇ ଫାଇନାନ୍ସିଆଲ ଟାଇମ୍ସ ରିପୋର୍ଟ କରିଛି ଯେ, ଆମେରିକା ସହିତ ଦୁଇ ସପ୍ତାହର ଅସ୍ଥିରତି ସମୟରେ ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଜାହାଜଗୁଡ଼ିକୁ କ୍ରିପ୍ଟୋକରେନ୍ସିରେ ଟ୍ରାଞ୍ଜିଟ୍ ଟୋଲ୍ ଦେବାକୁ ପଡ଼ିବ । ଟ୍ରମ୍ପ ଆହୁରି ଘୋଷଣା କରିଛନ୍ତି ଯେ ମୋ କାରଣରୁ, ଇରାନ କଦାପି ଆଣବିକ ଅସ୍ତ୍ର ପାଇବ ନାହିଁ, ବର୍ତ୍ତମାନର ମୁହୂର୍ତ୍ତକୁ ଏକ ରଣନୈତିକ ସଫଳତା ଦର୍ଶାଇ ତୈଳ ବଜାରରେ ସ୍ଥିରତା ଆସିବ ବୋଲି ସଙ୍କେତ ଦେଇଛନ୍ତି । ଆଶା କରାଯାଉଥିବା ତୈଳ ପ୍ରବାହରେ କୂଟନୈତିକ ସଫଳତା, ସାମରିକ ପ୍ରତିରୋଧ କିମ୍ବା ବିକଳ୍ପ ଯୋଗାଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ କି ନାହିଁ ତାହା ବିବୃତିରେ ସ୍ପଷ୍ଟ କରାଯାଇ ନାହିଁ ।

ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ନୀତୀଶ କୁମାର

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ ତାଙ୍କ ପ୍ରକୋଷ୍ଠରେ ନୀତୀଶଙ୍କୁ ଶପଥ ପାଠ କରାଇଥିଲେ । ନୀତୀଶ ହିନ୍ଦୀରେ ଶପଥ ଗ୍ରହଣ କରିଥିଲେ । ତାଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭାରେ ଗୃହର ନେତା ଜେପି ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜେଡିୟୁ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ କୁମାର ଝା, କଂଗ୍ରେସ ନେତା ଜୟରାମ ରମେଶ, ବିଜେପି ନେତା ରାଜୀବ ପ୍ରତାପ ରୁଡି ପ୍ରମୁଖ ଉପସ୍ଥିତ ଥିଲେ । ନୀତୀଶ କୁମାର ରାଜ୍ୟସଭାରେ ଦାୟିତ୍ୱ ଗ୍ରହଣ କରିବା ସହିତ ବିହାର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ଶେଷ ହେଉଛି । ଏନ୍‌ଡିଏ ଆସନ୍ତା ୧୪ ତାରିଖ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିପାରେ । ନୀତୀଶ କୁମାର ୨୦୦୫ ମସିହାରେ ପ୍ରଥମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୮୫ ମସିହାରେ ବିଧାୟକ ଭାବରେ ନୀତୀଶ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ କରି ରାଜ୍ୟର ସବୁଠାରୁ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ହାସଲ କରିଥିଲେ । ଏଏନ୍‌ଆଇ ସୂତ୍ର ଅନୁଯାୟୀ, ଶୁକ୍ରବାର ବିହାର ଉପରେ ବିଜେପିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନାଁ ପରେ ସହମତି ସୃଷ୍ଟି ହୋଇପାରେ । ତେବେ ବିହାରରେ ମନ୍ତ୍ରୀ ଥିବା ବିଜୟ କୁମାର ଚୌଧୁରୀ କହିଛନ୍ତି, ନୀତୀଶ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେବା ପରେ ପାଟନା ଫେରିବେ ଓ ୨ରୁ ୪ ଦିନ ମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ।

ସେନ୍‌ସେକ୍ସରେ ୯୧୮ ପଏଂଟ ବୃଦ୍ଧି

ମୁମ୍ବାଇ, ୧୦/୪(ନ୍ୟୁ.ଏ): ଚଳିତ ସପ୍ତାହର ଶେଷ କାରବାର ଦିନରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୧୮ ପଏଂଟ ବୃଦ୍ଧି ପାଇ ୭୭,୫୫୦ ପଏଂଟରେ ବନ୍ଦ ହୋଇଛି । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୭୫.୫୦ ପଏଂଟ ବୃଦ୍ଧି ପାଇ ୨୪,୦୫୦ ପଏଂଟରେ ବନ୍ଦ ହୋଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ନିବେଶକମାନେ ସତର୍କ ହୋଇ କାରବାର କରୁଛନ୍ତି । ଯୁଦ୍ଧ ବନ୍ଦ ହେବା ସମ୍ଭାବନା ସୃଷ୍ଟି ହେବା ଓ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟିଥିବାରୁ ନିବେଶକମାନଙ୍କ ମନୋବଳ ବଢ଼ାଇବାରେ ତାହା ସହାୟକ ହୋଇଛି । ଆଜି ଏସିଆନ ପେଂଟସର ସେୟାର ମୂଲ୍ୟ ୩.୮୪ ପ୍ରତିଶତ, ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ର ୩.୨୨ ପ୍ରତିଶତ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das